ନିର୍ଦ୍ଧାରଣ -୧(୧).   ସ୍ୱଚ୍ଛ ଭାରତ ଅଭିଯାନ ଯୋଜନାରେ ଜନ ସାଧାରଣ ପାଇଖାନା ବହୁ ଦିନ ହେବ ନିର୍ମାଣ କାରିଥିଲେ ମଧ ସେମାନଙ୍କୁ ଉକ୍ତ ଅର୍ଥ ମିଳିନାହିଁ । ଉକ୍ତ ଅର୍ଥ ସେମାନଙ୍କୁ ଦେବା ପାଇଁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ -୧(୨).   ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ଭତା ଯଥା - ବୃଦ୍ଧ, ବୃଦ୍ଧା, ବିଧବା, ବିକଳାଙ୍ଗ ଭତା ପାଉଥିବା ହିତାଧିକାରୀ ମାନଙ୍କୁ ଉନ୍ନତମାନର ରୂପେ ଡେବିଡ୍ କାର୍ଡ ମାଧମରେ ପଇଠ କରିବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 12.40 ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/- ଛବି ଦାଶ
ସଭାପତି
ତା 16.09.2016 ରିଖ

16/9/16

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ସ୍ଲମ୍ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା୧୭.୦୯.୨୦୧୬ ରିଖ

ସମୟ - ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ - ଷ୍ଟାଣ୍ଡିଂ କମିଟି ସଭାଗୃହ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ କୁମାରେନ୍ଦ୍ର ମହାପାତ୍ର, ଚେୟାରମ୍ୟାନ୍
୨. ଶ୍ରୀ ଅଶ୍ୱିନୀ କୁମାର ସୁନ୍ଦରାୟ
୩. ଶ୍ରୀମତୀ ଜ୍ୟୋତ୍ସ୍ନାମୟୀ ଜେନା
୪. ଶ୍ରୀମତୀ ଜ୍ୟୋତ୍ସ୍ନାରାଣୀ ରାଉତରାୟ
୫. ଶ୍ରୀ ରଘୁନାଥ ମହାନ୍ତି
୬. ଶ୍ରୀ ସୁରେଶ ଚନ୍ଦ୍ର ଜେନା
୭. ଶ୍ରୀ ଶାଧର ବେହେରା

ଅଦ୍ୟ ତା ୧୭.୦୯.୨୦୧୬ ରିଖ ଅପରାହ୍ନ ଘ. ୪.୦୦ ଟିକା ସମୟରେ ଷ୍ଟାଣ୍ଡିଂ କମିଟି ସଭାଗୃହରେ ଭୁବନେଶ୍ୱର ମହାନଗର ନିଗମର ସ୍ଲମ ସେଟଲ୍‌ମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ସଭାପତି ଶ୍ରୀ କୁମାରେନ୍ଦ୍ର ମହାପାତ୍ର ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟାମାନଙ୍କୁ ସ୍ୱାଗତ କରିବା ପରେ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-(୧). ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଗୁଡ଼ିକ ଉପରେ ଆଲୋଚନା କରଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଅବସ୍ଥିତ ପଥରବନ୍ଧ ବସ୍ତି ଓ ମହିଷିଆଖାଲ ବସ୍ତିରେ ଯେଉଁ ହିତାଧିକାରୀ ମାନଙ୍କୁ ଘର ମିଳି ଅଛି, ସେମାନଙ୍କୁ ତା ୩୧.୧୦.୨୦୧୬ ରିଖ ମଧରେ ଘର ଦେବା ପାଇଁ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମାଂଚଳର ପ୍ରତ୍ୟେକ ବସ୍ତିରେ ଗୋଟିଏ ଲେଖାଁଏ ପ୍ରକଳ୍ପ କରି ବସ୍ତି ବାସିନ୍ଦାଙ୍କୁ ଘର ଯୋଗାଇ ଦେବା ପାଇଁ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତି କ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପରବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. 4.25 ମିନିଟ୍ ସମୟରେ ସଭା ଭଂଗ କରାଗଲା ।

17/9/16

ସ୍ୱା/-କୁମାରେନ୍ଦ୍ର ମହାପାତ୍ର,
ସଭାପତି
ତା ୧୭.୦୯.୨୦୧୬ ରିଖ

# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର
## କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୭.୦୯.୨୦୧୬

ସମୟ- ଅପରାହ୍ନ ଘ ୪.୩୦ ମି.
ସ୍ଥାନ - ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ

ଉପସ୍ଥିତ ସଭ୍ୟ/ସଭ୍ୟା :-

୧. ଶ୍ରୀ ଅନନ୍ତ ନାରାୟଣ ଜେନା, ମେୟର ତଥା ସଭାପତି,
୨. ଶ୍ରୀ ନିହାର ରଞ୍ଜନ ସାହୁ,
୩. ଶ୍ରୀ ପ୍ରେମାନନ୍ଦ ଜେନା,
୪. ଶ୍ରୀ ଦିଲ୍ଲିପ କୁମାର ମାଝୀ,
୫. ଶ୍ରୀ ବିରଂଚି ନାରାୟଣ ମହାସୁପକାର, ଚେୟାରମ୍ୟାନ୍
ପବ୍ଲିକ୍ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ, ଡ୍ରେନେଜ୍ ଆଣ୍ଡ ଏନ୍‌ଭିରନ୍‌ମେଂଟ ଷ୍ଟାଣ୍ଡିଂ କମିଟି
୬. ଶ୍ରୀ ଅମରେଶ ଜେନା, ଚେୟାରମ୍ୟାନ୍
ପବ୍ଲିକ୍ ୱାର୍କସ ଷ୍ଟାଣ୍ଡିଂ କମିଟି
୭. ଡ଼: କ୍ରିଷନ କୁମାର, ଆଇ.ଏ.ଏସ୍., ମ୍ୟୁନିସିପାଲ୍ କମିଶନର

ଅଦ୍ୟ ତା ୧୭.୦୯.୨୦୧୬ ରିଖ ଅପରାହ୍ନ ଘ ୪.୩୦ ମି. ସମୟରେ ମେୟରଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଭୁବନେଶ୍ୱର ମହାନଗର ନିଗମର କଣ୍ଟ୍ରାକ୍ଟସ ଷ୍ଟାଣ୍ଡି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ -୧. ଭୁବନେଶ୍ୱର ମହାନଗର ନିଗମ ପାଇଁ Park Equipment ଗୁଡ଼ିକ କ୍ରୟ କରିବା ନିମନ୍ତେ କାର୍ଯ୍ୟାଳୟ ନିବିଦା ସଂଖ୍ୟା-୪୭୩୬ ତା ୧୭.୦୩.୨୦୧୬ ରିଖରେ ସମ୍ବାଦପତ୍ର ମାଧ୍ୟମରେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ୩ ଗୋଟି ସଂସ୍ଥା ସେମାନଙ୍କର ଦର ଦାଖଲ କରିଥିଲେ । ନିବିଦା ଗୁଡ଼ିକ ଯାଂଚ୍ କରାଯାଇ ନଥି ନଂ- XXXX III-ENV-89/2012 ଟିପ୍ପଣୀ ପୃଷ୍ଠା ୧୪ ରୁ ୧୭ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ ପତ୍ରାଳାପ ପୃଷ୍ଠା ୮୧ ରେ ଉପସ୍ଥାପିତ ତୁଳନାତ୍ମକ ବିବରଣୀକୁ ଭିତିକରି ସର୍ବନିମ୍ନ ଦରଦାତା Govt. Employees Consumer Co-operative Stores Ltd. ଙ୍କ ଠାରୁ Annexure-A ମତେ ସାମଗ୍ରୀ ଗୁଡ଼ିକ କ୍ରୟ କରାଯିବା ନିମନ୍ତେ କମିଟିଙ୍କ ବିଚ୍ଚର :-

ନିର୍ଦ୍ଧାରଣ -୧. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୨. ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପରିଚ୍ଚଳିତ ଚିକିତ୍ସାଳୟରେ ରୋଗୀମାନଙ୍କୁ ଚିକିତ୍ସା ସେବା ଯୋଗାଇଦେବା ନିମନ୍ତେ ତା ୩୦.୦୭.୨୦୧୪ ରିଖ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧୩ ରେ ମାନବ ସମ୍ବଳ ଯୋଗାଇଦେବା ପାଇଁ ଅନୁମୋଦନ କରାଯାଇଥିଲା । ମେସର୍ସ ପ୍ରତିଭା ଏଣ୍ଟରପ୍ରାଇଜର୍ସ (M/S Prativa Enterprisers) ସର୍ବନିମ୍ନ ଦରଦାତା ହୋଇଥିବାରୁ ତାଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ମିଆଦ ତା ୩୧.୦୧.୨୦୧୫ ରିଖରେ ପୂରଣ ହୋଇଯାଉଥିବାରୁ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୫ ତା ୨୮.୧୧.୨୦୧୫ ରିଖରେ କାର୍ଯ୍ୟର ଆବଶ୍ୟକତା ଦୃଷ୍ଟେ ତାଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ମିଆଦ ତା ୩୧.୦୧.୨୦୧୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିଥିଲେ । ପରବର୍ତ୍ତୀ ନୂତନ ଟେଣ୍ଡର ଏକକ ନିବିଦା ହୋଇଥିବାରୁ ତାହା ରଦ୍ଦ କରାଯାଇଥିଲା ଏବଂ ପୁନଃ ଏକ ନୂତନ ଟେଣ୍ଡର ଆହ୍ୱାନ କରାଯାଇ M/S Unix Services Pvt. Ltd. ଙ୍କ ସହିତ ତା ୦୧.୦୭.୨୦୧୬ ରିଖ ଠାରୁ କାର୍ଯ୍ୟ କରିବା ପାଇଁ ଚୁକ୍ତି ସ୍ୱାକ୍ଷର ହୋଇଅଛି । ପ୍ରକାଶଯୋଗ୍ୟ ଯେ ପୌର ଚିକିତ୍ସାଳୟର ଜରୁରୀ ଆବଶ୍ୟକତା ଦୃଷ୍ଟିରୁ M/S Prativa Enterprisers ତାଙ୍କର ସେବା କାର୍ଯ୍ୟ ତା ୦୧.୦୨.୨୦୧୬ ରିଖ ଠାରୁ ତା ୩୦.୦୬.୨୦୧୬ ରିଖ ପର୍ଯ୍ୟନ୍ତ ଅବ୍ୟାହତ ରଖିଥିଲେ ଏବଂ ତାଙ୍କର ପ୍ରାପ୍ୟ ତା ୩୧.୧୨.୨୦୧୫ ରିଖ ପର୍ଯ୍ୟନ୍ତ ଏ ସମ୍ପର୍କିତ ପ୍ରାପ୍ୟ ପାଇଅଛନ୍ତି । ଏଣୁ ତା ୦୧.୦୨.୨୦୧୬ ରିଖ ଠାରୁ ତା ୩୦.୦୬.୨୦୧୬ ରିଖ ପର୍ଯ୍ୟନ୍ତ (୫ ମାସ) କାର୍ଯ୍ୟୋତର ଅନୁମୋଦନ ତଥା ତା ୦୧.୦୧.୨୦୧୬ ରିଖ ଠାରୁ ତା ୩୦.୦୬.୨୦୧୬ ରିଖ (୬ ମାସ) ପର୍ଯ୍ୟନ୍ତ ବକେୟା ପ୍ରାପ୍ୟ ଟ.୪,୯୯,୮୩୮/-ଙ୍କା (ଚ୍ଚରି ଲକ୍ଷ ଅନେଶୋତ ହଜାର ଆଠ ଶହ ଅଠତିରିଶ ଟଙ୍କା) ପ୍ରଦାନ ନିମନ୍ତେ କମିଟିଙ୍କ ବିଚ୍ଚର:- ନଥି ନଂ- BMC-(Hospital)-1/2016 (Part-III)

ନିର୍ଦ୍ଧାରଣ -୨. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

17/9/16

ପ୍ରସ୍ତାବ -୩. ଭୁବନେଶ୍ୱର ମହାନଗର ନିଗମାଂଚଳ ଅଶୋକନଗର ଶ୍ରୀକୁଞ୍ଜ ସମ୍ମୁଖରେ ନିଗମ ତରଫରୁ ପାର୍କିଂ ସ୍ଲଟ୍ ନିମନ୍ତେ କାର୍ଯ୍ୟାଳୟ ଟେଣ୍ଡର ନୋଟିସ ନଂ-୭୩୨୦ ତା ୦୩.୦୫.୨୦୧୬ ରିଖରେ ସୁନିଲ୍ କୁମାର ଦାସଙ୍କୁ ଦିଆଯାଇଥିଲା । ଶ୍ରୀ ଦାସ ପାର୍କିଂ ସ୍ଲଟ୍ ପାଇଁ ଅଫସେଟ୍ ପ୍ରାଇସ୍ ଟ.୨,୨୫,୨୦୦/- ମାତ୍ର ନିଗମ କାର୍ଯ୍ୟାଳୟରେ ଦାଖଲ କରିଥିଲେ । କିନ୍ତୁ ଭୁବନେଶ୍ୱର ବ୍ୟବସାୟୀ ସଂଘ ଓ ACP Traffic ଭୁବନେଶ୍ୱରଙ୍କ ତାଙ୍କର ପାର୍କିଂ ସ୍ଲଟ୍‌କୁ ରଦ୍ଦ (Cancel) କରିବା ପାଇଁ ଅନୁରୋଧ କରିଛନ୍ତି । ନଥି ନଂ- ZDC (S.E Zone)-459/2016 ଟିପ୍ପଣୀ ପୃଷ୍ଠା-୧ ରୁ ୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ ସ୍ଲଟ୍‌କୁ No Parking Zone ଘୋଷଣା କରିବା ସହିତ ସୁନିଲ୍ କୁମାର ଦାସଙ୍କୁ ଦିଆଯାଇଥିବା ପାର୍କିଂ ସ୍ଥଳ ଆଦେଶକୁ ରଦ୍ଦ (Cancel) କରାଯାଇ ତାଙ୍କର ଅଫସେଟ୍ ପ୍ରାଇସ୍ ଫେରସ୍ତ କରିବା ନିମନ୍ତେ କମିଟିଙ୍କ ବିଗ୍ଚର:-

ନିର୍ଦ୍ଧାରଣ -୩. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୪. ଭୁବନେଶ୍ୱର ମହାନଗର ନିଗମରେ Re-constn. of Drain from Plot No.-654 to in front of Plot No.-1102 at Kedar lane, Old Town in Ward No.-60 କାର୍ଯ୍ୟ ପାଇଁ ଶ୍ରୀ ସଂଗ୍ରାମ ଶତପଥିଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୨୦୩୧ ତା ୦୩.୦୨.୨୦୧୬ ରିଖରେ କାର୍ଯ୍ୟାଦେଶ ଦିଆଯିବା ସଙ୍ଗେ ସଙ୍ଗେ ଉକ୍ତ କାର୍ଯ୍ୟର କାର୍ଯ୍ୟାରମ୍ଭ ଓ କାର୍ଯ୍ୟଶେଷ ଯଥାକ୍ରମେ ତା ୦୫.୦୨.୨୦୧୬ ରିଖ ଓ ତା ୦୪.୦୬.୨୦୧୬ ରିଖ ଧାର୍ଯ୍ୟ କରାଯାଇଥିଲା । କାର୍ଯ୍ୟାଳୟ ତରଫରୁ ଶ୍ରୀ ଶତପଥିଙ୍କୁ ପତ୍ର ମାଧ୍ୟମରେ ବାରମ୍ବାର Speed Post ମାଧ୍ୟମରେ ଅନୁରୋଧ କରାଯାଇଥିଲେ ମଧ୍ୟ ସେ ଆଜି ପର୍ଯ୍ୟନ୍ତ କାର୍ଯ୍ୟାରମ୍ଭ କଲେନାହିଁ । ଇତି ମଧ୍ୟରେ କାର୍ଯ୍ୟଶେଷ ତାରିଖ ଯଥା ତା ୦୪.୦୬.୨୦୧୬ ରିଖ ଅତିକ୍ରମ କରିଯାଇଅଛି । ଶ୍ରୀ ଶତପଥିଙ୍କ ଏତାଦୃଶ କାର୍ଯ୍ୟ ପାଇଁ ତାଙ୍କ ସହିତ ହୋଇଥିବା ଚୁକ୍ତିକୁ ରଦ୍ଦ (Cancel) କରାଯିବା ଓ ସେ ପ୍ରଦାନ କରିଥିବା EMD ଓ ISD କୁ ବାଜ୍ୟାପ୍ତି କରାଯିବା ସଙ୍ଗେ ସଙ୍ଗେ ଶ୍ରୀ ଶତପଥିଙ୍କ ଉପରେ ଆଇନାନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଉପରେ କମିଟିଙ୍କ ବିଗ୍ଚର:- ନଥି ନଂ- XXIX-Div.-II-119/2015 ଟିପ୍ପଣୀ ପୃଷ୍ଠା-୧୦ ରୁ ୧୪ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ -୪. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ଶ୍ରୀ ଶତପଥିଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ରଦ୍ଦ (Cancel) କରାଗଲା । ସେ ଦାଖଲ କରିଥିବା EMD ଓ ISD ବାଜ୍ୟାପ୍ତି କରାଗଲା । ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରେ ଭାଗ ନେବାପାଇଁ ୩ (ତିନି) ବର୍ଷ ନିମନ୍ତେ ବଂଚିତ (Debar from BMC Tender for three years) କରାଗଲା ଏବଂ ତାଙ୍କୁ କଳାତାଲିକାଭୁକ୍ତ କରିବା ଓ ତାଙ୍କର DSC Block କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୫. ଭୁବନେଶ୍ୱର ମହାନଗର ନିଗମାଂଚଳ ୱାର୍ଡ ନଂ-୯ ଅନ୍ତର୍ଗତ ଗାଡ଼କଣ ପୁରୁଣା କୂଅ ଛକ ଠାରୁ ମହାବୀର ମନ୍ଦିର ଛକ ପର୍ଯ୍ୟନ୍ତ ନାଳ ନିର୍ମାଣ ପାଇଁ BMC-EED-I-14/2015-16 ତା ୦୧.୦୩.୨୦୧୬ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ତିନି ଜଣ ଠିକାଦାର ଅଂଶଗ୍ରହଣ କରିଥିଲେ । ସେମାନଙ୍କ ମଧ୍ୟରୁ ସର୍ବନିମ୍ନ ଦରଦାତା ଶ୍ରୀ ପରାଗ ପଟ୍ଟନାୟକଙ୍କ ନିବିଦା କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ନିର୍ଦ୍ଧାରଣ ସଂଖ୍ୟା- ୦୫ (୦୨) ତା ୨୬.୦୫.୨୦୧୬ ରିଖରେ ଅନୁମୋଦିତ କ୍ରମେ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୦୯୦୯ ତା୨୫.୦୬.୨୦୧୬ ରିଖ ଓ ପତ୍ର ସଂଖ୍ୟା-୧୨୬୧୧ ତା ୨୩.୦୭.୨୦୧୬ ରିଖ ମାଧ୍ୟମରେ ଠିକାଦାର ଶ୍ରୀ ପଟ୍ଟନାୟକଙ୍କୁ Rs.3,59,966/- ର APS ଦାଖଲ କରି ଚୁକ୍ତିନାମା କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ ସେ ଏହି APS ଅର୍ଥ ଦାଖଲ କଲେନାହିଁ ଏବଂ ଚୁକ୍ତିପତ୍ର ସ୍ୱାକ୍ଷର କଲେନାହିଁ ଏବଂ ପରେ ତା ୨୮.୦୭.୨୦୧୬ ରିଖ ସେ ଏହି କାର୍ଯ୍ୟଟିକୁ କରିପାରିବେ ନାହିଁ ବୋଲି ଲିଖିତ ଆକାରରେ ଜଣାଇଲେ ।

ନଥି ନଂ- XXIX-PW-Div.-I-1263/2015 ର ଟିପ୍ପଣୀ ପୃଷ୍ଠା-୧୧ ରୁ ୧୪ ଓ ବିଗ୍ଚର୍ଯ୍ୟ ପୃଷ୍ଠା ୯୭ ଠାରୁ ୧୦୧ ମଧ୍ୟରେ ଉପଲବ୍ଧ ତଥ୍ୟ ଓ Document ଅନୁଯାୟୀ ଶ୍ରୀ ପରାଗ ପଟ୍ଟନାୟକଙ୍କ ଉପରେ ଦଣ୍ଡବିଧାନ କରାଯାଇ ଏହି କାର୍ଯ୍ୟ ପାଇଁ ମିଳିଥିବା ନିବିଦାକୁ ରଦ୍ଦ (Cancel) କରାଯିବା ସମ୍ପର୍କରେ କମିଟିଙ୍କ ବିଗ୍ଚର:-

ନିର୍ଦ୍ଧାରଣ -୫. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ଶ୍ରୀ ପଟ୍ଟନାୟକଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ରଦ୍ଦ (Cancel) କରାଗଲା । ସେ ଦାଖଲ କରିଥିବା EMD ଓ ISD ବାଜ୍ୟାପ୍ତି କରାଗଲା । ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରେ ଭାଗ ନେବାପାଇଁ ୩ (ତିନି) ବର୍ଷ ନିମନ୍ତେ ବଂଚିତ (Debar from BMC Tender for three years) କରାଗଲା ଏବଂ ତାଙ୍କୁ କଳାତାଲିକାଭୁକ୍ତ କରିବା ଓ ତାଙ୍କର DSC Block କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୬. ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ ନଂ-୨ ସ୍ଥିତ ମାରୁତିଭିଲ୍ଲା Phase-I ରେ ରାସ୍ତା ନିର୍ମାଣ ପାଇଁ BMC-EED-I-04/2016 ତା ୨୧.୦୫.୨୦୧୬ ରିଖରେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ସର୍ବନିମ୍ନ ଦରଦାତା ଶ୍ରୀ ପାର୍ଥ ସାରଥି ପଣ୍ଡାଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୨୫୦୭ ତା ୨୧.୦୭.୨୦୧୬ ରିଖରେ Rs.32,772/- ର ISD ଦାଖଲ କରି

17/9/16

ଚୁକ୍ତିନାମା ସ୍ୱାକ୍ଷର ପାଇଁ ଅନୁରୋଧ କରାଯାଇଥିଲା । ତା ୨୫.୦୭.୨୦୧୬ ରିଖରେ ଶ୍ରୀ ପଣ୍ଡା ଏହି କାର୍ଯ୍ୟଟିକୁ କରିପାରିବେ ନାହିଁ ଏବଂ ସେଥିପାଇଁ Agreement Draw କରିପାରିବେ ନାହିଁ ବୋଲି ଜଣାଇଲେ । ଏହାପରେ L2 ଠିକାଦାର ଶ୍ରୀ ଜିତେନ୍ଦ୍ର କୁମାର ରାଉତଙ୍କୁ ବି.ଏମ୍.ସି. ପତ୍ର ସଂଖ୍ୟା-୧୩୦୮୩ ତା ୦୨.୦୮.୨୦୧୬ ରିଖ ମାଧମରେ L1 ଦାଖଲ କରିଥିବା ଦରରେ (- 14.99 % less) କାର୍ଯ୍ୟଟିକୁ କରିବା ପାଇଁ ଅନୁରୋଧ କରାଯାଇଥିଲା । ଶ୍ରୀ ରାଉତ ତା ୨୨.୦୮.୨୦୧୬ ରିଖରେ ଉକ୍ତ କାର୍ଯ୍ୟକୁ L1 Rate ରେ କରିବେ ନାହିଁ ବୋଲି ଜଣାଇଲେ ।

ନଥି ନଂ- XXIX-PW-Div.-I-1283/2014 ର ଟିପ୍ପଣୀ ପୃଷ୍ଠା ୧୦ ରୁ ୧୪ ଓ ବିଗ୍ରର୍ଯ୍ୟ ପୃଷ୍ଠା-୧୨୪ ରୁ ୧୩୨ ମଧରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ ଉକ୍ତ କାର୍ଯ୍ୟ ପାଇଁ ଆହ୍ୱାନ କରାଯାଇଥିବା ନିବିଦାକୁ ରଦ୍ଦ (Cancel) କରାଯାଇ ପୁନଃ ନିବିଦା କରିବା ଓ L1 ଠିକାଦାର ଶ୍ରୀ ପାର୍ଥ ସାରଥି ପଣ୍ଡାଙ୍କୁ ଦଣ୍ଡିତ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-

**ନିର୍ଦ୍ଧାରଣ -୬.** ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡ଼ିକୁ ରଦ୍ଦ (Cancel) କରାଗଲା ଏବଂ L-1 ଠିକାଦାର ଶ୍ରୀ ପାର୍ଥ ସାରଥି ପଣ୍ଡା ଦାଖଲ କରିଥିବା EMD ବାଜ୍ୟାପ୍ତି କରାଗଲା ଏବଂ ତାଙ୍କୁ ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରୁ ୩ (ତିନି) ବର୍ଷ ପାଇଁ ବଂଚିତ (Debar from BMC Tender for three years) କରାଗଲା । ତାଙ୍କୁ କଳାତାଲିକାଭୁକ୍ତ କରିବା ଏବଂ ତାଙ୍କର DSC Block କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

**ପ୍ରସ୍ତାବ -୭.** ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ୱାର୍ଡ଼ ନଂ-୪ ରେ ପାଣ୍ଡିଆ ସାହି ଗଡ଼ା ଠାରୁ ଗୋପୀନାଥ ମନ୍ଦିର ଓ ଦୋଳ ବେଦୀ ନିକଟ ଦେଇ ପୁରୀ ମେନ୍ କେନାଲ ପର୍ଯ୍ୟନ୍ତ ନାଳ ନିର୍ମାଣ ପାଇଁ ଚୁକ୍ତିପତ୍ର ନଂ-୪୦ ତା ୨୬.୦୩.୨୦୧୬ ରିଖ ଓ କାର୍ଯ୍ୟାଦେଶ ନଂ-୭୮୯୮ ତା୨୮.୦୩.୨୦୧୬ ରିଖରେ ଶ୍ରୀ ମଧୁସୂଦନ ଜେନାଙ୍କୁ କାର୍ଯ୍ୟାଦେଶ ଦିଆଯାଇଥିଲା । ଉକ୍ତ କାର୍ଯ୍ୟଟିକୁ ତା ୩୦.୦୩.୨୦୧୧ ରିଖ ଠାରୁ ଆରମ୍ଭ କରି ତା ୨୯.୦୭.୨୦୧୧ ରିଖ ମଧରେ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । କିନ୍ତୁ କାର୍ଯ୍ୟସ୍ଥଳରୁ ଅବରୋଧ ହଟାଇବା ସମ୍ଭବ ନହେବାରୁ ଏହି କାର୍ଯ୍ୟ ଆଜି ପର୍ଯ୍ୟନ୍ତ ଆରମ୍ଭ ହୋଇପାରିଲା ନାହିଁ ।

ନଥି ନଂ- XXIX-PW-Div.-I-1086/2010 ର ଟିପ୍ପଣୀ ପୃଷ୍ଠା ୧ ରୁ ୧୪ ଓ ବିଗ୍ରର୍ଯ୍ୟ ପୃଷ୍ଠା-୧୫୪ ରୁ ୧୫୭ ମଧରେ ବର୍ଣ୍ଣିତ ତଥ୍ୟ ଆଧାରରେ ଉପରଲିଖିତ କାର୍ଯ୍ୟ ପାଇଁ ହୋଇଥିବା ଚୁକ୍ତିପତ୍ରକୁ ବନ୍ଦ (Close) କରି ଠିକାଦାର ଶ୍ରୀ ମଧୁସୂଦନ ଜେନାଙ୍କୁ EMD ଓ ISD ଫେରସ୍ତ କରିବା ସମ୍ପର୍କରେ କମିଟିଙ୍କ ବିଗ୍ଚର :-

**ନିର୍ଦ୍ଧାରଣ -୭.** ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

**ପ୍ରସ୍ତାବ -୮.** ଭୁବନେଶ୍ୱରର ଜନପଥରେ ପ୍ରତ୍ୟେକ ରବିବାର ସକାଳ ଆୟୋଜିତ ହେଉଥିବା ରାହାଗିରି ଦିବସ ଗୁଡ଼ିକୁ ପରିଗ୍ଚଳନା କରିବା ନିମନ୍ତେ ଏକ ଇଭେଂଟ୍ ମ୍ୟାନେଜ୍‌ମେଂଟ ସଂସ୍ଥା ଆବଶ୍ୟକ । ଏଥି ନିମନ୍ତେ ଭୁବନେଶ୍ୱର ମହାନଗର ନିଗମ ପକ୍ଷରୁ ତା ୨୪.୦୬.୨୦୧୬ ରିଖ ଖବରକାଗଜରେ RFP No.-8765 ବିଜ୍ଞପ୍ତି ପ୍ରକାଶ କରାଯାଇଥିଲା । ସମୁଦାୟ ୩ ଗୋଟି ସଂସ୍ଥା ଯଥା- 1-Prelude Novel Venture Pvt. Ltd., 2-Hindustan Advertisers, 3-Kaapro Management Solutions Pvt. Ltd. ଏଥି ନିମନ୍ତେ ଆବେଦନ କରିଥିଲେ । ଟେକ୍ନିକାଲ୍ ଏବଂ ଫାଇନାନ୍‌ସିଆଲ୍ ବିଡ୍ ମୂଲ୍ୟାୟନ କରିବା ନିମନ୍ତେ ଏକ ଟେକ୍ନିକାଲ୍ ତଥା ଫାଇନାନ୍ସ କମିଟି ନିଗମର ଅତିରିକ୍ତ କମିଶନରଙ୍କ ଅଧିନରେ ନିମ୍ନ ସଦସ୍ୟଙ୍କୁ ନେଇ ଗଠିତ ହୋଇଥିଲା ।

ସଦସ୍ୟଙ୍କ ନାମ:

1. Addl. Commissioner, BMC-Chairman of Committee
2. Deputy Commissioner (Project), BMC
3. CFO, BMC
4. City Engineer, BMC
5. EE, Div.-I, BMC
6. EM, BDA
7. TL, PMU, BDA
8. TL, Communication Cell, BMC

ଉପରୋକ୍ତ କମିଟି ତା ୦୯.୦୬.୨୦୧୬ ରିଖରେ ଟେକ୍ନିକାଲ୍ ବିଡ୍ କମିଟି ମୂଲ୍ୟାୟନ କରି ସମସ୍ତ ସଂସ୍ଥାର ବିଡ୍ Technically qualify କରିଥିବା ଦର୍ଶାଇବା ପରେ ତା ୨୪.୦୬.୨୦୧୬ ରିଖରେ ଫାଇନାନ୍ସିଆଲ୍ କମିଟି ଉପରୋକ୍ତ ବିଡ୍ ଗୁଡ଼ିକ ଆର୍ଥିକ ପ୍ରସ୍ତାବ ମୂଲ୍ୟାୟନ କରିଥିଲେ ଏବଂ ତା ୨୪.୦୫.୨୦୧୬ ରିଖରେ ଫାଇନାନ୍ସିଆଲ୍ ବିଡ୍ ଖୋଲାଯାଇଥିଲା ।

Financial Bid Evaluation Sheet:

| Date of Quotation | Name of the Firm | Name of the Service with full Description | Unit | Rate | Amount |
|---|---|---|---|---|---|
| 31.05.2016 | Hindustan Advertisers, Bomikhal, Bhubaneswar | Event Management Managing Raahgiri Day | day | 2,10,000/- | 2,10,000/- |
| 26.05.2016 | Prelude Novel Ventures Pvt. Ltd. Unit-III, BBSR. | | day | 1,50,000/- | 1,50,000/- L1 |
| 28.05.2016 | Kaapro Management Solutions Pvt. Ltd. Unit-III, BBSR. | | day | 1,80,000/- | 1,80,000/- |

ଫାଇନାନ୍ସ ବିଡ୍‌ରେ Prelude Novel Venture Pvt. Ltd. ନାମକ ସଂସ୍ଥା ସର୍ବନିମ୍ନ ବିଡ୍ ଟ.୧,୫୦,୦୦୦/- (ଗୋଟିଏ ଷ୍ଟେଜ୍ ପାଇଁ) ଦାଖଲ କରିଛନ୍ତି । ଏକରୁ ଅଧିକ ଷ୍ଟେଜ୍ ପାଇଁ ପ୍ରତିଟି ଷ୍ଟେଜ୍ ପିଛା ଟ.୫୩,୫୧୦/- ଅଧିକା ଦେବାକୁ ପଡ଼ିବ । ଏହି ଦର ସର୍ଭିସ୍ ଟ୍ୟାକ୍ସ (Service Tax) ବ୍ୟତୀତ ଅଟେ । ଏହି ଦର ଅନୁଯାୟୀ ପ୍ରିଲୁଡ୍ ନୋଭେଲ୍ ଭେନ୍‌ଚର ସଂସ୍ଥାକୁ ତା ୨୬.୦୬.୨୦୧୬ ରିଖ ଠାରୁ ୨ ଗୋଟି ଷ୍ଟେଜ୍ ନିମନ୍ତେ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିର ଅନୁମୋଦନର ପ୍ରତ୍ୟାଶାରେ ରାହାଗିରି କାର୍ଯ୍ୟକ୍ରମ କରିବା ପାଇଁ ମାନ୍ୟବର ମେୟରଙ୍କ ଅନୁମୋଦନ କ୍ରମେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିଙ୍କ ବିଗ୍ଭର :- ନଥି ନଂ- XXXXXII-SBAC-107/2016

ନିର୍ଦ୍ଧାରଣ -୮. ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ -୯. ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ବ୍ୟବହାର କରାଯାଇଥିବା Computer, UPS ଏବଂ Printer ର AMC ନିମନ୍ତେ Manor Computer & Communication Pvt. Ltd. ତାଙ୍କର ବିଲ୍ OCAC ର ପୂର୍ବ ମଞ୍ଜୁରୀ ଦରରେ ଟ.୧,୩୩,୨୭୬/- ମାତ୍ର ଏକ ବର୍ଷ ପାଇଁ ଦାଖଲ କରିଅଛନ୍ତି । ଉକ୍ତ ଅର୍ଥ ପଇଠ ନିମନ୍ତେ କମିଟିଙ୍କ ବିଗ୍ଭର :-

ପ୍ରକାଶ ଥାଉକି, ତାଙ୍କର ଚୁକ୍ତି ମିଆଦ ତା ୩୧.୦୫.୨୦୧୬ ରିଖରେ ସମାପ୍ତ ହୋଇଅଛି । ଏତଦ୍ ବ୍ୟତୀତ ଉକ୍ତ ସଂସ୍ଥାକୁ ଆଗାମୀ ଏକ ବର୍ଷ ପାଇଁ (ତା ୦୧.୦୬.୨୦୧୬ ରିଖ ଠାରୁ ତା ୩୧.୦୫.୨୦୧୭ ରିଖ ପର୍ଯ୍ୟନ୍ତ) ଉକ୍ତ AMC କାର୍ଯ୍ୟର ନବିକରଣ ନିମନ୍ତେ କମିଟିଙ୍କ ବିଗ୍ଭର :- ନଥି ନଂ- XXXIV-(GS)-4/2014 ଟିପ୍ପଣୀ ପୃଷ୍ଠା-୨୦ ରୁ ୨୨ ଦ୍ରଷ୍ଟବ୍ୟ ।

ଉକ୍ତ ସଂସ୍ଥା ନିମ୍ନମତେ ବିଲ୍ ଦାଖଲ କରିଛନ୍ତି ।

| | | | |
|---|---|---|---|
| 1- | 26 Nos. Dual core | @ 1,000/- | Rs.26,000 |
| 2- | 42 Nos.DVO | @1,200/- | Rs.50,400 |
| 3- | UPS 68 Nos. (7 % of the cost) | @161/- | Rs.10,948 |
| 4- | 34 Nos. HP Laser Jet Printer @ 516/- | | Rs.17,544 |
| 5- | 1 No. Server midend cost-2,17,000/- | | Rs.7,000 |
| 6- | 1 No. UPS for Server | | Rs.4,000 |
| | | | Rs.1, 15, 892 |
| | Service Tax-14% | | Rs.16,224.88 |
| | Swachha Bharat less 0.50 % | | Rs. 579.46 |
| | Krishi Kalyan less 0.50 % | | Rs. 579.46 |
| | Round off sales | | 0.20 |
| | | | Rs.1,33,276.00 |

ନିର୍ଦ୍ଧାରଣ -୯. ଏ ପ୍ରସ୍ତାବ ନିମ୍ନବର୍ଣ୍ଣିତ ସର୍ତ୍ତ ରଖାଯାଇ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି ଉକ୍ତ ସଂସ୍ଥା ଠିକ୍ ଭାବରେ ଠିକ୍ ସମୟରେ କମ୍ପ୍ୟୁଟର ସଜାଡୁନାହାଁନ୍ତି ବୋଲି ବୈଠକରେ ଉପସ୍ଥିତ ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧ ଓ ଖଣ୍ଡ-୨ କହିଥିଲେ । ତେଣୁ ସମ୍ପୃକ୍ତ ସଂସ୍ଥା ପ୍ରତି ମାସରେ ପ୍ରତ୍ୟେକ କମ୍ପ୍ୟୁଟର ଚେକ୍ କରିବେ । ଯଦି ଠିକ୍ ରୂପେ କାର୍ଯ୍ୟ ନକରିବେ ତେବେ ତାଙ୍କର ଚୁକ୍ତିପତ୍ର ରଦ୍ଦ (Cancel) କରାଯିବ ଏବଂ ତାଙ୍କୁ ଦେୟ ପୂର୍ବରୁ ସମସ୍ତ ଉପବିଭାଗର ଅଧିକାରୀଙ୍କ ଠାରୁ ପ୍ରମାଣ ଅଣାଯାଇ ବିଲ୍ ପୈଠ କରାଯିବ । ଏହି କାର୍ଯ୍ୟ ନିଗମର ମୁଖ୍ୟ ବିତ ଅଧିକାରୀ ତଦାରଖ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

17/9/16

ପ୍ରସ୍ତାବ -୧୦. ଭୁବନେଶ୍ୱର ମହାନଗର ନିଗମର Construction of Drain and culvert EA-27 to EB-850, EA-57 to 41, EA-84 to 85, EA-114 to EA-97 and EA-13 to EA-144 at Brit Colony in Ward No.-39 (old) ବର୍ତ୍ତମାନ ୱାର୍ଡ଼ ନଂ-୫୭ କାର୍ଯ୍ୟ ପାଇଁ ଶ୍ରୀ ବିଶ୍ୱଜିତ୍ ତ୍ରିପାଠୀଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୯୮୯୧ ତା ୨୫.୧୦.୨୦୦୮ ରିଖରେ କାର୍ଯ୍ୟାଦେଶ ଦିଆଯିବା ସଙ୍ଗେ ସଙ୍ଗେ କାର୍ଯ୍ୟର କାର୍ଯ୍ୟାରମ୍ଭ ଓ କାର୍ଯ୍ୟାଶେଷ ଯଥାକ୍ରମେ ତା ୨୫.୧୦.୨୦୦୮ ରିଖ ଓ ତା ୨୪.୦୨.୨୦୦୯ ରିଖ ଧାର୍ଯ୍ୟ କରାଯାଇଥିଲା । ମାତ୍ର ଶ୍ରୀ ତ୍ରିପାଠୀ କାର୍ଯ୍ୟ ଆରମ୍ଭ କରି କାର୍ଯ୍ୟ ଶେଷ କରିବା ପାଇଁ ବିଳମ୍ବ କରିଥିଲେ ।

ଇତି ମଧ୍ୟରେ ଅନ୍ୟ ଏକ ବ୍ୟକ୍ତି ତାଙ୍କ ପ୍ଲଟ୍ ନଂ-୪୫୦୦ ଉପରେ କାର୍ଯ୍ୟ ବନ୍ଦ କରିବା ପାଇଁ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ଏକ ମାମଲା ରୁଜୁ କରିଥିଲେ । ଶ୍ରୀ ତ୍ରିପାଠୀଙ୍କ ଦ୍ୱାରା କାର୍ଯ୍ୟରେ କୌଣସି ଅଗ୍ରଗତି ନହେବାରୁ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ତାଙ୍କ ବୈଠକ ତା ୨୯.୦୫.୨୦୧୦ ରିଖରେ ଶ୍ରୀ ତ୍ରିପାଠୀଙ୍କ ସହିତ ହୋଇଥିବା ଚୁକ୍ତିକୁ ରଦ୍ଦ (Cancel) କରିବା ସହିତ ତାଙ୍କ EMD, ISD ଓ Security deposit କୁ ବାଜ୍ୟାପ୍ତି କରିବା ପାଇଁ ଆଦେଶ ପ୍ରଦାନ କରିଥିଲେ ।

ଏହି ଆଦେଶକୁ Challenge କରି ଶ୍ରୀ ତ୍ରିପାଠୀ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଥିଲେ । ମାନ୍ୟବର ଉଚ୍ଚ ନ୍ୟାୟାଳୟ ତା ୦୫.୧୦.୨୦୧୦ ରିଖରେ ଶ୍ରୀ ତ୍ରିପାଠୀଙ୍କ ଉପରେ କୌଣସି ବାଧକର (Coercive) କାର୍ଯ୍ୟାନୁଷ୍ଠାନ ଆଗାମୀ ତାରିଖ ପର୍ଯ୍ୟନ୍ତ ଗ୍ରହଣ ନ କରିବା ପାଇଁ ଆଦେଶ ପ୍ରଦାନ କରିଥିଲେ । ଫଳସ୍ୱରୂପ ବଳକା କାର୍ଯ୍ୟ ସମ୍ପାଦନ ହୋଇପାରିଲା ନାହିଁ ।

ଇତି ମଧ୍ୟରେ ସମ୍ପୃକ୍ତ କର୍ପୋରେଟର ଓ ଠିକାଦାର ଶ୍ରୀ ତ୍ରିପାଠୀ ନିର୍ବାହୀ ଯନ୍ତ୍ରୀ, ଉପଖଣ୍ଡ-୨ ଙ୍କ ସହିତ ଏହି ବିଷୟରେ ଆଲୋଚନା କରିଥିଲେ । ସ୍ଥାନୀୟ ବାସିନ୍ଦାମାନେ ବଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଥିବାର ହୃଦୟଙ୍ଗମ କରି ନିର୍ବିବାଦୀୟ ଜାଗାରେ କାର୍ଯ୍ୟ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି । ଯଦି ଶ୍ରୀ ତ୍ରିପାଠୀଙ୍କ ବାଜ୍ୟାପ୍ତି କରାଯାଇଥିବା EMD, ISD ଓ SD ଫେରାଇ ଦିଆଯାଏ ତେବେ ସେ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ରୁଜୁ କରିଥିବା ମାମଲାଟିକୁ ପ୍ରତ୍ୟାହୃତ (withdraw) କରିଦେବେ ବୋଲି ମଧ୍ୟ ଆଲୋଚନା ହୋଇଥିଲା । ଯେହେତୁ ବାଜ୍ୟାପ୍ତି ଆଦେଶଟି କମିଟିଙ୍କ ଦ୍ୱାରା ପ୍ରଦାନ କରାଯାଇଅଛି ତାହା ବିଖଣ୍ଡନ (Revoke) କରିବା କେବଳ ଉକ୍ତ କମିଟି ଦ୍ୱାରା ସମ୍ପାଦନ କରାଯାଇପାରିବ । ନଥି ନଂ- XXIX-Div.-II-2641/2007 ଟିପ୍ପଣୀ ପୃଷ୍ଠା-୨୩ ରୁ ୨୫ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ ତ୍ରିପାଠୀ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ପାଖରେ ରୁଜୁ କରିଥିବା ମାମଲାଟିକୁ ପ୍ରତ୍ୟାହୃତ କରିନେବା ପରେ ତାଙ୍କର EMD, ISD ଓ SD ବାଜ୍ୟାପ୍ତି କରିବା ପାଇଁ ହୋଇଥିବା ନିର୍ଦ୍ଧାରଣକୁ ବିଖଣ୍ଡନ କରିବା ସଙ୍ଗେ ସଙ୍ଗେ ବଳକା କାର୍ଯ୍ୟ ସମ୍ପାଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ -୧୦. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୧. ଶ୍ରୀ ସତ୍ୟନାରାୟଣ ରଥଙ୍କୁ "Improvement of bye-lane Road No.-6 & 9 at Bapuji Nagar in Ward No.-53" କାର୍ଯ୍ୟ ପାଇଁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୪୩୯୯/ତା ୦୩.୦୭.୨୦୧୫ ରିଖରେ କାର୍ଯ୍ୟାଦେଶ ଦିଆଯାଇଥିଲା । ଅର୍ଦ୍ଧେକ କାର୍ଯ୍ୟ କରିସାରିବା ପରେ ଶ୍ରୀ ରଥ କାର୍ଯ୍ୟଟିକୁ ବନ୍ଦ କରିଦେଇଥିଲେ । ବାରମ୍ବାର ପତ୍ରାଳାପ କରି ବିଫଳ ହେବାରୁ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧୧ ତା ୨୩.୦୪.୨୦୧୬ ରିଖରେ ସମସ୍ତ ତଥ୍ୟ ବିବେଚନା କରି ଶ୍ରୀ ରଥଙ୍କର ଚୁକ୍ତିପତ୍ର ବାଜ୍ୟାପ୍ତି ସହ ତାଙ୍କର EMD ଓ ISD ବାଜ୍ୟାପ୍ତି କରିଥିଲେ ଏବଂ ତାଙ୍କର DSC ବ୍ଲକ୍ କରିବା ସହ ବି.ଏମ୍.ସି. ନିବିଦାରୁ ଦୁଇ ବର୍ଷ ବଂଚିତ କରିଥିଲେ ।

ଇତି ମଧ୍ୟରେ ଶ୍ରୀ ରଥ ତାଙ୍କର ଶରୀର ଅସୁସ୍ଥ ଥିବା ଦର୍ଶାଇ ଉକ୍ତ ଦଣ୍ଡରୁ ରିହାତି ଦେବାପାଇଁ ଅନୁରୋଧ କରିଥିବାରୁ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା- ୧୪ ତା ୨୬.୦୫.୨୦୧୬ ରିଖରେ ଉକ୍ତ କାର୍ଯ୍ୟଟିକୁ ସମାପ୍ତ କରିବା ପାଇଁ ଶ୍ରୀ ରଥଙ୍କୁ ଅନୁମତି ଓ ଦଣ୍ଡାଦେଶକୁ ରିହାତି କରିବା ପାଇଁ ନିଷ୍ପତି ନେଇଥିଲେ ।

ଇତି ମଧ୍ୟରେ ଦୁଇ ମାସ ଅତିବାହିତ ହୋଇଯାଇଥିଲେ ମଧ୍ୟ ଶ୍ରୀ ରଥ କାର୍ଯ୍ୟଟିକୁ ଶେଷ କଲେନାହିଁ । ଫଳସ୍ୱରୂପ ସାଧାରଣ ଲୋକମାନେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଶ୍ରୀ ରଥଙ୍କର ଏତାଦୃଶ କାର୍ଯ୍ୟକୁ ଦୃଷ୍ଟିରେ ରଖି ଶ୍ରୀ ରଥଙ୍କ ସହିତ ହୋଇଥିବା ଚୁକ୍ତିନାମାକୁ ନାକଚ କରାଗଲା ବୋଲି କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୫୧୧୮ ତା ୧୫.୦୯.୨୦୧୬ ରିଖରେ Speed Post ମାଧ୍ୟମରେ ଶ୍ରୀ ରଥଙ୍କୁ ଜଣାଇ ଦିଆଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ଓ ଆଇନାନୁଯାୟୀ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ କମିଟିଙ୍କ ବିଚାର:- ନଥି ନଂ- XXIX-Div.-II-383/2014 ଟିପ୍ପଣୀ ପୃଷ୍ଠା-୨୪ ରୁ ୨୫ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ -୧୧. ପ୍ରସ୍ତାବ ବର୍ଣ୍ଣିତ ମତେ ଶ୍ରୀ ରଥଙ୍କୁ ଦିଆଯାଇଥିବା ଚୁକ୍ତିନାମା ନାକଚ ପତ୍ରର କାର୍ଯ୍ୟୋତର ଅନୁମୋଦନ କରାଗଲା ଏବଂ ଶ୍ରୀ ରଥ ଉକ୍ତ କାର୍ଯ୍ୟ ପାଇଁ ଦାଖଲ କରିଥିବା EMD ଓ ISD ବାଜ୍ୟାପ୍ତି କରାଗଲା ଏବଂ ଶ୍ରୀ ରଥଙ୍କୁ ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରୁ ତିନି ବର୍ଷ ବଂଚିତ (Debar from BMC Tender for three years) କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

17/9/16

ପ୍ରସ୍ତାବ -୧୨. ଭୁବନେଶ୍ୱର ମହାନଗର ନିଗମାଂଚଳର ବିଭିନ୍ନ ଉନ୍ନୟନ/ବୈଦ୍ୟୁତିକ ମୂଳକ କାର୍ଯ୍ୟ ନିମନ୍ତେ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ କାର୍ଯ୍ୟ ପାଇଁ ମିଳିଥିବା ନିବିଦା ଗୁଡିକ ଯାଂଚ୍ କରାଯାଇ ତନ୍ମଧ୍ୟରୁ ନିମ୍ନଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କର ପାର୍ଶ୍ୱ ବର୍ଣ୍ଣିତ ମତେ ସର୍ବନିମ୍ନ ବୁଝାମଣାକୃତ ଦର ଗ୍ରହଣ/ଅନୁମୋଦନ କରିବା ସମ୍ପର୍କରେ କମିଟିଙ୍କ ବିଚାର :-

| କ୍ର. ନଂ | କାର୍ଯ୍ୟର ନାମ | ଅଟକଳ ମୂଲ୍ୟ | ସର୍ବନିମ୍ନ ଦର | ସର୍ବନିମ୍ନ ଦରଦାତା | ଅଟକଳମୂଲ୍ୟ ଉପରେ ଅଧିକ% |
|---|---|---|---|---|---|
| 1. | Constn. of RCC drain from Kalpana Labour Colony to Sridevi Chhak in Ward No.-56 File No.-XXIX-Div.-II-762/2015 | Rs.16,64,090.00 | Rs.16,64,090.00 | Chittaranjan Malik | 00 W.B-2016-17 |
| 2. | Constn. of park at Dumuduma Phase-IV under Ambrut in W. No.65 File No.-XXIX-Div.-II-404/2016 | Rs.9,99,942.00 | Rs.9,99,942.00 | Smt. Smita Pattnaik | 00 Ambrut |

ନିର୍ଦ୍ଧାରଣ -୧୨. ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୨ରେ ଉଲ୍ଲିଖିତ କାର୍ଯ୍ୟର ପାର୍ଶ୍ୱ ଲିଖିତ ମତେ ସର୍ବ ନିମ୍ନ ଦରଦାତାଙ୍କର ସର୍ବ ନିମ୍ନ ବୁଝାମଣାକୃତ ଦର ସର୍ବସମ୍ମତି କ୍ରମେ ଗ୍ରହଣ / ଅନୁମୋଦନ କରାଗଲା ।

ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ.-୧ରେ ଉଲ୍ଲିଖିତ କାର୍ଯ୍ୟର ଅଟକଳ ପରିମାଣ ଓ ସଂପୃକ୍ତ କାର୍ଯ୍ୟର ପାର୍ଶ୍ୱଲିଖିତ ମତେ ସର୍ବନିମ୍ନ ଦରଦାତାଙ୍କ ସର୍ବନିମ୍ନ ବୁଝାମଣାକୃତ ଦର ୧୦ ଲକ୍ଷ ଟଙ୍କାରୁ ଅଧିକ ହୋଇଥିବାରୁ OMC Act-2003 ର ଧାରା-277(2)(d) ମତେ ଏହା ଗ୍ରହଣ / ଅନୁମୋଦନ କରିବା ନିମନ୍ତେ ସର୍ବସମ୍ମତି କ୍ରମେ କର୍ପୋରେସନଙ୍କୁ ସୁପାରିଶ କରାଗଲା ।

ପ୍ରସ୍ତାବ -୧୩. ଭୁବନେଶ୍ୱର ମହାନଗର ନିଗମାଂଚଳରେ ପରିମଳ କାର୍ଯ୍ୟ ପାଇଁ Bleaching Powder କ୍ରୟ କରାଯିବା ନିମନ୍ତେ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧୦ ତା ୨୯.୦୯.୨୦୧୫ ରିଖରେ ୫୭୪୨ ବସ୍ତା କ୍ରୟ କରାଯିବା ନିମନ୍ତେ ଅନୁମୋଦନ କରିଥିଲେ । ଜରୁରୀ ଆବଶ୍ୟକତାକୁ ଦୃଷ୍ଟିରେ ରଖି ମାନ୍ୟବର ମେୟରଙ୍କ ଆଦେଶାନୁସାରେ ତଥା କମିଟିଙ୍କ ଅନୁମୋଦନ ପ୍ରତ୍ୟାଶାରେ ଅଧିକ ୬୫୮ ବସ୍ତା ଅନୁମୋଦିତ ଦରରେ ବସ୍ତା ପ୍ରତି (@ 483+VAT) କ୍ରୟ କରାଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ନିମନ୍ତେ କମିଟିଙ୍କ ବିଚାର :- ନଥି ନଂ- XXXIV-GS-05/2016

ନିର୍ଦ୍ଧାରଣ -୧୩. ସର୍ବ ସମ୍ମତିକ୍ରମେ ଏ ପ୍ରସ୍ତାବର କାର୍ଯ୍ୟୋତର ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୪. ଭୁବନେଶ୍ୱର ମହାନଗର ନିଗମ ନିବିଦା ସଂଖ୍ୟା- BMC-EE-I-05/2016-17 ତା ୦୬.୦୬.୨୦୧୬ ରିଖରେ ୱାର୍ଡ ନଂ-୨୪ ଅନ୍ତର୍ଗତ ଜଗନ୍ନାଥ ବିହାର ରୋଡ୍ ନଂ-୧ ର ଲେନ୍-୩ ଓ ରୋଡ୍ ନଂ-୩ ର ଗଳିରାସ୍ତା ମରାମତି କାର୍ଯ୍ୟ ପାଇଁ ନିବିଦା ଆହ୍ୱାନ କରାଯାଇଥିଲା । ଉକ୍ତ ନିବିଦାରେ ତିନି ଜଣ ଠିକାଦାର ଭାଗ ନେଇଥିଲେ । ସେମାନଙ୍କ ମଧ୍ୟରୁ ଶ୍ରୀ ଜ୍ଞାନେନ୍ଦ୍ର କୁମାର ପଟ୍ଟନାୟକଙ୍କ ଲିଖିତ ଅଭିଯୋଗକୁ ଭିତି କରି ଏହି କାମ ପାଇଁ ନିବିଦା ଦାଖଲ କରିଥିବା ଠିକାଦାର ଶ୍ରୀ ଅମିୟ କୁମାର ପାଇକରାୟଙ୍କ ଟେଣ୍ଡର କାଗଜପତ୍ର ଯାଂଚ୍ କଲାପରେ ଦେଖାଗଲା ଯେ ସେ ଦାଖଲ କରିଥିବା Affidavit ରେ Minor Mistakes ଅଛି । କିନ୍ତୁ ଏହି ଭୁଲ୍ ଗୁଡ଼ିକ ଦ୍ୱାରା ଟେଣ୍ଡର ପ୍ରକ୍ରିୟାରେ ସ୍ୱଚ୍ଛତା ଓ Competitive Bidding ଉପରେ କୌଣସି ପ୍ରକାର ପ୍ରତିକୂଳ ପ୍ରଭାବ ପଡ଼ିନାହିଁ । ଏହି କାମରେ ଶ୍ରୀ ପାଇକରାୟ L1 bidder (@ 0.00 %) ଏବଂ ଶ୍ରୀ ପଟ୍ଟନାୟକ L2 bidder (@ + 4.89 %) ହୋଇଛନ୍ତି । ଏହି ସ୍ଥିତିରେ ଶ୍ରୀ ପଟ୍ଟନାୟକଙ୍କ ଅଭିଯୋଗ ଓ ଶ୍ରୀ ପାଇକରାୟଙ୍କ ଟେଣ୍ଡର ସହିତ ଦାଖଲ କରିଥିବା Affidavit ଗୁଡ଼ିକ ଆଧାରରେ ଉପରୋକ୍ତ କାମ ପାଇଁ ହୋଇଥିବା ଟେଣ୍ଡରକୁ ରଦ୍ଦ (Cancel) କରିବା କିମ୍ବା ଶ୍ରୀ ପାଇକରାୟଙ୍କ L1 ଟେଣ୍ଡରକୁ (@ 0.00 %) accept କରିବା ସମ୍ପର୍କରେ ନଥି ନଂ- XXIX-PW-Div.-I-1370/2015 ରେ ଉପଲବ୍ଧ Documents ଓ notes କୁ ବିଚାରକୁ ନେଇ ନିଷ୍ପତି ନେବା ନିମନ୍ତେ କମିଟିଙ୍କ ବିଚାର :-

ନିର୍ଦ୍ଧାରଣ -୧୪. ପ୍ରସ୍ତାବ ବର୍ଣ୍ଣିତ ମତେ ଶ୍ରୀ ପାଇକରାୟଙ୍କ L1 ଟେଣ୍ଡରକୁ ସର୍ବ ସମ୍ମତିକ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୫. କର୍ପୋରେଟର, ୱାର୍ଡ ନଂ-୫୭ ଙ୍କ ଅଭିଯୋଗକୁ ଭିତି କରି Construction of drain from RP-121 at Pandav Nagar, Badagada Brit Colony near Jatra Padia in Ward No.-57 କାର୍ଯ୍ୟ ପାଇଁ ନିମ୍ନୋକ୍ତ ଅଧିକାରୀଙ୍କୁ ନେଇ ଏକ କମିଟି ଗଠନ କରାଯାଇଥିଲା ।

୧- ଶ୍ରୀ ଦ୍ୱିପାୟନ ପଟ୍ଟନାୟକ, ନଗର ଯନ୍ତ୍ରୀ

୨- ଶ୍ରୀ ରବିନ୍ଦ୍ରନାଥ ମଲ୍ଲିକ୍, ନିର୍ବାହୀ ଯନ୍ତ୍ରୀ ଖଣ୍ଡ-୧

୩- ଶ୍ରୀ ଅନ୍ତର୍ଯ୍ୟାମୀ ପାତ୍ର, ସହାୟକ ନିର୍ବାହୀ ଯନ୍ତ୍ରୀ

କମିଟି ଅଧିକାରୀମାନେ କାର୍ଯ୍ୟସ୍ଥଳୀ ପରିଭ୍ରମଣ କରି କାର୍ଯ୍ୟଟି ଠିକ୍ ଅଛି ବୋଲି ଦର୍ଶାଇଛନ୍ତି । କିନ୍ତୁ କାର୍ଯ୍ୟର Quality ଖାଲି ଆଖିରେ ନିର୍ଣ୍ଣୟ କରିପାରିବା ସମ୍ଭବ ନହେବାରୁ Quality ନିରୁପଣ ପାଇଁ ମୁଖ୍ୟ ଯନ୍ତ୍ରୀ, RD & QP ଙ୍କୁ ଅନୁରୋଧ କରିବା ପାଇଁ କମିଟି ସୁପାରିଶ କରିଛନ୍ତି ।

ଏହି ପରିପ୍ରେକ୍ଷୀରେ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୨୨୬୩ ତା ୨୮.୦୫.୨୦୧୫ ରିଖକୁ ପାଥେୟ କରି Deputy Director, RD & QP (R & B) ତାଙ୍କ ପତ୍ର ସଂଖ୍ୟା-୨୮୧୧ ତା ୧୨.୦୮.୨୦୧୫ ରିଖରେ ରିପୋର୍ଟ ପ୍ରଦାନ କରିଛନ୍ତି । ରିପୋର୍ଟରେ Lower Compressive Strength ଦର୍ଶାଇଛନ୍ତି । ଏହା ଉପରେ କମିଟିଙ୍କ ବିଗ୍ୱର :-
ନଥି ନଂ- XI-PW-Div.-I-110/2015 ଟିପ୍ପଣୀ ପୃଷ୍ଠା-୪ ରୁ ୬ ଦ୍ରୁଷ୍ଟବ୍ୟ ।

ନିର୍ଦ୍ଧାରଣ -୧୫. ପ୍ରସ୍ତାବ ବର୍ଣ୍ଣିତ ମତେ କମିଟିଙ୍କ ରିପୋର୍ଟ ଏବଂ Deputy Director, RD & QP (R & B) ଙ୍କ ପତ୍ର ଅନୁଯାୟୀ ପଦକ୍ଷେପ ନେବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୧୬. Project Samman କାର୍ଯ୍ୟକାରୀ ନିମନ୍ତେ BMC ଏବଂ J-PAL-SA & quicksand ମଧରେ ତା ୦୮.୦୨.୨୦୧୨ ରିଖରେ ଚୁକ୍ତି ସମ୍ପାଦନ ହୋଇଥିଲା ଏବଂ ସେହି ଚୁକ୍ତି ଅବଧି ମାର୍ଚ୍ଚ-୨୦୧୪ ପର୍ଯ୍ୟନ୍ତ ଥିଲା । ବିଭିନ୍ନ କାରଣ ଯଥା land/site ପ୍ରତିବନ୍ଧକ ଯୋଗୁଁ ଚୁକ୍ତି ଅବଧି ମଧରେ ସେହି ଯୋଜନା ଶେଷ ହୋଇପାରିଲା ନାହିଁ ।

ଯୋଜନା କାର୍ଯ୍ୟକାରିତା ପାଇଁ ପୁନଶ୍ଚ ଚୁକ୍ତି ଅବଧି ନଭେମ୍ବର-୨୦୧୮ ପର୍ଯ୍ୟନ୍ତ ବଢାଇବା ପାଇଁ BMGF ଅନୁରୋଧ କରିଛନ୍ତି । ନଥି ନଂ- XXXX-V-09/2011 ଟିପ୍ପଣୀ ପୃଷ୍ଠା-୪୬ ରୁ ୪୯ ମୁତାବକ ଚୁକ୍ତି ଅବଧି ନଭେମ୍ବର-୨୦୧୮ ପର୍ଯ୍ୟନ୍ତ ବୃଦ୍ଧି ନିମନ୍ତେ କମିଟିଙ୍କ ବିଗ୍ୱର:- ପ୍ରକାଶ ଥାଉକି ଚୁକ୍ତି ଅବଧି ବଢିବା ପରେ ଆର୍ଥିକ ରାଶୀ BMGF ପ୍ରଦାନ କରିବ ।

ନିର୍ଦ୍ଧାରଣ -୧୬. ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୧୭. ଭୁବନେଶ୍ୱର ମହାନଗର ନିଗମାଂଚଳରେ ବିଭିନ୍ନ ସ୍ଥାନରୁ ଅଳିଆ ଆବର୍ଜନ ଉଠାଇବା ପାଇଁ ସ୍ଥିରିକୃତ ହୋଇଥିବା ଭୁଆଶୁଣୀ ଡମ୍ପ ୟାର୍ଡର ସ୍ଥାନୀୟ ଗ୍ରାମବାସୀଙ୍କ ପ୍ରତିରୋଧ ପ୍ରତିହିଂସା କ୍ରମେ TTS ସୈନିକ ସ୍କୁଲ ଠାରୁ କୌଣସି ଅଳିଆ ବୁହା ଗାଡି ଗୁଡିକ ବିନା ପୋଲିସ୍ ସହାୟତାରେ କାର୍ଯ୍ୟ କରି ପାରିନଥିଲେ ।

ବିଭିନ୍ନ ମହଲରେ ଉଚ୍ଚ ପଦାଧିକାରୀ ମାନଙ୍କ ଦ୍ୱାରା ଆଲୋଚନା ଓ ପର୍ଯ୍ୟାଲୋଚନା ପରେ ନଗର ଯନ୍ତ୍ରୀ ଓ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଦୈନିକ ପୋଲିସ୍ ସହାୟତାରେ ଗାଡି ଗୁଡିକ ଅଳିଆ ସ୍ଥାନାନ୍ତର ଓ ଭୁଆଶୁଣୀ ଡମ୍ପ ୟାର୍ଡରେ ଅଳିଆ ଆବର୍ଜନା ସମାନ୍ତରଳ କରିବା ପାଇଁ Annexure- 'A' ଲିଖିତ ଘରୋଇ ସଂସ୍ଥାଙ୍କ ଠାରୁ ବୁଝାମଣାକୃତ ଦରରେ ତା ୦୭.୦୮.୨୦୧୬ ରିଖ ଠାରୁ ଅଦ୍ୟାବଧି କାର୍ଯ୍ୟରେ ନିୟୋଜିତ କରାଯାଇଅଛି । ଦୈନିକ ଭଡା ସୂତ୍ରରେ ଲାଗିଥିବା ଗାଡି ଓ ମେସିନ୍ ଗୁଡିକ ବନ୍ଦ କରିବା ନିମନ୍ତେ ନଗର ସ୍ୱାସ୍ଥ୍ୟ ଅଧିକାରୀଙ୍କ ସୁଚିନ୍ତିତ ମତାମତ ଓ ନିର୍ଦ୍ଦେଶ କ୍ରମେ କାର୍ଯ୍ୟରୁ ଅବ୍ୟାହତ କରାଯାଇପାରେ । ଏହା ଉପରେ କମିଟିରେ ଆଲୋଚନା ଓ ସିଦ୍ଧାନ୍ତ :-(ନଥି ନଂ- XXXVI-86/2016 ଟିପ୍ପଣୀ ପୃଷ୍ଠା-୧ ଦ୍ରୁଷ୍ଟବ୍ୟ)

Annexure-'A'

| Sl No. | Description of vehicle/machinery | Quantity | Owner | Rate | Rate fixed |
|---|---|---|---|---|---|
| 1 | Chain Mounted PC. 200 L & T KOMOTSU Ltd. | 1 nos | Akhay Ku. Samantaray, Chandaka | Rs. 1800/- per hour including fuel | Rate approved by BMC vide Contract Committee Resolution No. 22 dt. 30.07.2015 |
| 2 | Chain Mounted Bull Dozer D-50 A-15 | 1 nos | Mina Gupta, BF-38/8, DB Nagar, Sahapara, Baguati, Kolkata | Rs. 1592/- per hour including fuel | As per Govt Scheduled of Rtae-2006, Govt. of Odisha |
| 3 | Chain Mounted JCB 81 Excavator | 1 nos | Akhay Ku. Samantaray, Chandaka | Rs. 790/- per hour including fuel | As per Contract Committee Resolution No.- 11 Dt. 29.9.2015 |
| 4 | Trallor | 2 nos | Pramod Ku. Badajena, Chandaka, Bhubaneswar | Rs. 12,000/- per day including fuel | Negotiation rate |
| 5 | Vehicle Mounted Water Tanker (OR-02-BH-3218) | 1 nos | BMC | | |

17/9/16

ନିର୍ଦ୍ଧାରଣ -୧୭.    ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରକାଶ ଥାଉକି ପ୍ରସ୍ତାବ ବର୍ଣ୍ଣିତ କ୍ର.ନଂ-୪ ରେ ଉଲ୍ଲିଖିତ Trallor ର ଦୈନିକ ଦର ଟ.୧୨,୦୦୦/- ହୋଇଥିବାରୁ ବହୁ ଅର୍ଥ ବ୍ୟୟ ହେଉଅଛି । ତେଣୁ କାର୍ଯ୍ୟସ୍ଥଳରେ ଏହି ବିବାଦ ଚାଲିଥିବା ପର୍ଯ୍ୟନ୍ତ ଦୁଇ ଜଣ ପୋଲିସ କର୍ମଚାରୀ ଯୋଗାଇଦେବା ନିମନ୍ତେ ପୋଲିସ କମିଶନରଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୧୮.    ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୩ ଅନ୍ତର୍ଗତ କାନନବିହାର ଠାରେ ପାର୍କ ପାଇଁ ପ୍ରାଚୀର ନିର୍ମାଣ ନିମନ୍ତେ BMC-EE-Div.-I-12/2015-16 ତା ୨୮.୦୧.୨୦୧୬ ରିଖରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଏଥିରେ L1 ଠିକାଦାର ଶ୍ରୀ ଶ୍ରୀକୃଷ୍ଣ ମହାନ୍ତି ଦାଖଲ କରିଥିବା ଟେଣ୍ଡରକୁ (@ -5.3 % less) ରେ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ନିର୍ଦ୍ଧାରଣ 'ସଂଖ୍ୟା-୨(୮) ତା ୨୯.୦୬.୨୦୧୬ ରିଖ ଦ୍ୱାରା ଅନୁମୋଦନ ହେଲାପରେ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୨୪୨୦ ତା ୨୦.୦୭.୨୦୧୬ ରିଖ ମାଧମରେ ISD ଦାଖଲ କରି ଚୁକ୍ତିନାମା ସ୍ୱାକ୍ଷର କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଏହାପରେ ଶ୍ରୀ ମହାନ୍ତି ତା ୨୧.୦୮.୨୦୧୬ ରିଖରେ ଲିଖିତ ଆକାରରେ ଜଣାଇଛନ୍ତି ଯେ D.T.C.N ସର୍ତ ଅନୁଯାୟୀ ସେ ଦାଖଲ କରିଥିବା ଟେଣ୍ଡରର Validity Period (୧୨୦ ଦିନ) ତା ୨୦.୦୬.୨୦୧୬ ରିଖରୁ Expire ହୋଇଯାଇଛି । ସେ ଆଉ Tender Validity Extension କରିପାରିବେ ନାହିଁ ବୋଲି ଜଣାଇଲେ ଓ ଦାଖଲ କରିଥିବା EMD ଫେରସ୍ତ ପାଇଁ ଅନୁରୋଧ କଲେ । ଏହି ସ୍ଥିତିରେ L2 bidder ଶ୍ରୀ ସୁଜିତ୍ କୁମାର ସେଠୀଙ୍କୁ L1 ଦାଖଲ କରିଥିବା ଦରରେ ଉକ୍ତ କାର୍ଯ୍ୟଟିକୁ କରିପାରିବେକି ବୋଲି ପଚରା ଯାଇଥିଲା । ସେ L1 Rate ରେ (@ - 5.30 % less) ଉକ୍ତ କାର୍ଯ୍ୟଟିକୁ କରିବା ପାଇଁ ସମ୍ମତି ପ୍ରଦାନ କରିଛନ୍ତି ଓ Tender Validity ତା ୩୦.୧୧.୨୦୧୬ ରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି ।

ନଥି ନଂ- XXIX-PW-Div.-I-1023/2016 ର ଟିପ୍ପଣୀ ପୃଷ୍ଠା ଓ ବିଚାର୍ଯ୍ୟ ପୃଷ୍ଠା-୧୩୬ ରୁ ୧୪୨ ମଧରେ ବର୍ଣ୍ଣିତ ତଥ୍ୟ ଅନୁଯାୟୀ L2 ଠିକାଦାର ଶ୍ରୀ ସୁଜିତ୍ କୁମାର ସେଠୀଙ୍କ ଟେଣ୍ଡରକୁ L1 Rate ରେ (@ - 5.30 % less) ଗ୍ରହଣ/ଅନୁମୋଦନ କରିବା ଓ L1 ଠିକାଦାର ଦାଖଲ କରିଥିବା EMD କୁ ଫେରସ୍ତ କରିବା ସମ୍ପର୍କରେ କମିଟିଙ୍କ ବିଚାର:-

ନିର୍ଦ୍ଧାରଣ -୧୮.    ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ -୧୯.    ଭୁବନେଶ୍ୱର ମହାନଗର ନିଗମରେ Construction of CC Road & Drain at Jaleswar Basti, Munda sahi Basti in Ward No.-48 କାର୍ଯ୍ୟ ପାଇଁ ଶ୍ରୀ ସଂଗ୍ରାମ ଶତପଥିଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୨୨୯୨୬ ତା ୦୩.୧୨.୨୦୧୫ ରିଖରେ କାର୍ଯ୍ୟାଦେଶ ଦିଆଯିବା ସଙ୍ଗେ ସଙ୍ଗେ ଉକ୍ତ କାର୍ଯ୍ୟର କାର୍ଯ୍ୟାରମ୍ଭ ଓ କାର୍ଯ୍ୟାଶେଷ ଯଥାକ୍ରମେ ତା ୦୯.୧୨.୨୦୧୫ ରିଖ ଓ ତା ୦୬.୦୨.୨୦୧୬ ରିଖ ଧାର୍ଯ୍ୟ କରାଯାଇଥିଲା ।

ଇତି ମଧରେ କାର୍ଯ୍ୟଶେଷ ତାରିଖ ଅତିକ୍ରମ କରିଯାଇଥିଲେ ମଧ ଶ୍ରୀ ଶତପଥି ଉକ୍ତ କାର୍ଯ୍ୟଶେଷ କରିପାରିଲେ ନାହିଁ । ନିଜର ଶରୀର ଅସୁସ୍ଥ ଦର୍ଶାଇ ଆଉ କାର୍ଯ୍ୟ ସମ୍ପାଦନ କରିପାରିବେ ନାହିଁ ଓ ସମ୍ପାଦନ କରିଥିବା କାର୍ଯ୍ୟର ବିଲ୍ ପ୍ରଦାନ କରିବା ପାଇଁ ଅନୁରୋଧ କରିଛନ୍ତି ।

ଶ୍ରୀ ଶତପଥିଙ୍କ ଏତାଦୃଶ କାର୍ଯ୍ୟ ପାଇଁ OPWD Code ଅନୁଯାୟୀ ବଳକା କାର୍ଯ୍ୟ ରାଶିରୁ 20 % penalty ଓ ଆଇନାନୁଯାୟୀ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ସଙ୍ଗେ ସଙ୍ଗେ କାର୍ଯ୍ୟଟିକୁ ବନ୍ଦ (Close) କରି ବଳକା କାର୍ଯ୍ୟକୁ ପୁନଃ ନିବିଦା ମାଧମରେ ସମ୍ପାଦନ କରିବା ଉପରେ କମିଟିଙ୍କ ବିଚାର:- ନଥି ନଂ- XXIX-Div.-II-183/2015 ଟିପ୍ପଣୀ ପୃଷ୍ଠା-୧୧ ରୁ ୧୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ -୧୯.    ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ଶ୍ରୀ ଶତପଥିଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ବନ୍ଦ (Close) କରାଗଲା । ସେ ଦାଖଲ କରିଥିବା EMD & ISD ବାଜ୍ୟାପ୍ତି କରାଗଲା । ବଳକା କାର୍ଯ୍ୟର 20 % penalty କରାଯିବ । ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରୁ ତିନି ବର୍ଷ ପର୍ଯ୍ୟନ୍ତ ବଂଚିତ (Debar from BMC Tender for three years) କରାଗଲା ଏବଂ ତାଙ୍କୁ କଳାତାଲିକାଭୁକ୍ତ (Black list) କରିବା ଓ ତାଙ୍କର DSC ବ୍ଲକ୍ କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଲେଖାଯିବ ।

ପ୍ରସ୍ତାବ -୨୦.    ଭୁବନେଶ୍ୱର ମହାନଗର ନିଗମର Construction of CC Road & Drain, repair of Toilet Block at Kandha Sahi Basti, Jadi Sahi Basti, Neheru Basti, Unit-8 in Ward No.-48 କାର୍ଯ୍ୟ ପାଇଁ ଶ୍ରୀ ସଂଗ୍ରାମ ଶତପଥିଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୨୨୭୯୩ ତା ୩୦.୧୧.୨୦୧୫ ରିଖରେ କାର୍ଯ୍ୟାଦେଶ ଦିଆଯିବା ସଙ୍ଗେ ସଙ୍ଗେ ଉକ୍ତ କାର୍ଯ୍ୟର କାର୍ଯ୍ୟାରମ୍ଭ ଓ କାର୍ଯ୍ୟାଶେଷ ଯଥାକ୍ରମେ ତା ୦୪.୧୨.୨୦୧୫ ରିଖ ଓ ତା ୦୨.୦୨.୨୦୧୬ ରିଖ ଧାର୍ଯ୍ୟ କରାଯାଇଥିଲା ।

ଇତି ମଧରେ କାର୍ଯ୍ୟଶେଷ ତାରିଖ ଯଥା-୦୨.୦୨.୨୦୧୬ ରିଖ ଅତିକ୍ରମ କରିଯାଇଥିଲେ ମଧ ଶ୍ରୀ ଶତପଥି କିଛି କାର୍ଯ୍ୟ ସମ୍ପାଦନ କରି ନିଜର ଶରୀର ଅସୁସ୍ଥ ଦର୍ଶାଇ ଆଉ କାର୍ଯ୍ୟ ସମ୍ପାଦନ କରିପାରିବେ ନାହିଁ ଓ ସମ୍ପାଦନ କରିଥିବା କାର୍ଯ୍ୟର ବିଲ୍ ପୈଠ କରିବା ପାଇଁ ଅନୁରୋଧ କରିଛନ୍ତି ।

17/8/16

ଶ୍ରୀ ଶତପଥୀଙ୍କ ଏତାଦୃଶ କାର୍ଯ୍ୟ ପାଇଁ ତାଙ୍କ ସହିତ ହୋଇଥିବା ଚୁକ୍ତିନାମାକୁ ରଦ୍ଦ (Cancel) କରାଯିବ । OPWD Code ଅନୁଯାୟୀ ବଳକା କାର୍ଯ୍ୟର ଅର୍ଥରାଶିର 20 % penalty ଓ ଆଇନାନୁଯାୟୀ ଅନ୍ୟାନ୍ୟ କାର୍ଯ୍ୟାନୁଷ୍ଠାନ ପାଇଁ କମିଟିଙ୍କ ବିଗ୍ଚର:- ନଥି ନଂ- XXIX-Div.-II-184/2015 ଟିପ୍ପଣୀ ପୃଷ୍ଠା-୧୧ ରୁ ୧୨ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ -୨୦. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ଶ୍ରୀ ଶତପଥୀଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ବନ୍ଦ (Close) କରାଗଲା । ସେ ଦାଖଲ କରିଥିବା EMD & ISD ବାଜ୍ୟାପ୍ତି କରାଗଲା । ବଳକା କାର୍ଯ୍ୟର 20 % penalty କରାଯିବ । ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରୁ ତିନି ବର୍ଷ ପର୍ଯ୍ୟନ୍ତ ବଂଚିତ (Debar from BMC Tender for three years) କରାଗଲା ଏବଂ ତାଙ୍କୁ କଳାତାଲିକାଭୁକ୍ତ (Black list) କରିବା ଓ ତାଙ୍କର DSC ବ୍ଲକ୍ କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଲେଖାଯିବ ।

ପ୍ରସ୍ତାବ -୨୧. ଭୁବନେଶ୍ୱର ମହାନଗର ନିଗମ ୱାର୍ଡ଼ ନଂ-୪୬ ସୂର୍ଯ୍ୟନଗର ଦୁର୍ଗାମଣ୍ଡପ ବସ୍ତିରେ ସିମେଂଟ କଂକ୍ରିଟ ରାସ୍ତା ନିର୍ମାଣ କରିବା ପାଇଁ ସର୍ବନିମ୍ନ ଦରଦାତା ଶ୍ରୀ 'ସଂଗ୍ରାମ ଶତପଥୀଙ୍କୁ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୨୨୦୩ ତା ୦୬.୦୨.୨୦୧୬ ରିଖରେ କାର୍ଯ୍ୟାଦେଶ ଦିଆଯାଇଥିଲା । ଏହି କାର୍ଯ୍ୟ ତା ୧୧.୦୨.୨୦୧୬ ରିଖରେ ଆରମ୍ଭ କରି ତା ୧୧.୦୩.୨୦୧୬ ରିଖରେ ସମ୍ପୂର୍ଣ୍ଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ଶ୍ରୀ ଶତପଥୀ ୯୦ % କାର୍ଯ୍ୟ ଶେଷ କରିଛନ୍ତି ଏବଂ ୧୨.୦୯.୨୦୧୬ ରିଖରେ ଜଣାଇଛନ୍ତି ଯେ ତାଙ୍କର ଦେହ ଅସୁସ୍ଥ ହେବାରୁ ସେ ଏହି କାର୍ଯ୍ୟ ଆଉ କରିପାରିବେ ନାହିଁ ଏବଂ ଏହି କାର୍ଯ୍ୟ ବନ୍ଦ କରି ତାଙ୍କର ଚିକିତ୍ସା ନିମନ୍ତେ ଅର୍ଥ ଆବଶ୍ୟକ ହେଉଥିବାରୁ ବିଲ୍ ପୈଠ କରିବା ପାଇଁ ଅନୁରୋଧ କରିଛନ୍ତି । ନଥି ନଂ- XXIX-Div.-II-213/2015 ଟିପ୍ପଣୀ ପୃଷ୍ଠା-୧୧ ରୁ ୧୨ ମଧରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ କାର୍ଯ୍ୟ ପାଇଁ ଶ୍ରୀ ଶତପଥୀଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ବନ୍ଦ (Close) କରିବା ସହ ଶ୍ରୀ ଶତପଥୀଙ୍କ ଉପରେ ବଳକା କାର୍ଯ୍ୟର ୨୦ % (କୋଡ଼ିଏ ପ୍ରତିଶତ) ଦଣ୍ଡବିଧାନ ସହ ଅନ୍ୟ ଦଣ୍ଡ ଉପରେ କମିଟିଙ୍କ ବିଚ୍ଚର:-

ନିର୍ଦ୍ଧାରଣ -୨୧. ପ୍ରସ୍ତାବ ବର୍ଣ୍ଣିତ କାର୍ଯ୍ୟ ପାଇଁ ଶ୍ରୀ ଶତପଥୀଙ୍କ ସହିତ ହୋଇଥିବା ଚୁକ୍ତିପତ୍ର ବନ୍ଦ (Close) କରାଗଲା । ସେ ଦାଖଲ କରିଥିବା EMD & ISD ବାଜ୍ୟାପ୍ତି କରାଗଲା । ବଳକା କାର୍ଯ୍ୟର 20 % penalty କରାଯିବ । ଭୁବନେଶ୍ୱର ମହାନଗର ନିଗମ ଟେଣ୍ଡରରୁ ତିନି ବର୍ଷ ପର୍ଯ୍ୟନ୍ତ ବଂଚିତ (Debar from BMC Tender for three years) କରାଗଲା ଏବଂ ତାଙ୍କୁ କଳାତାଲିକାଭୁକ୍ତ (Black list) କରିବା ଓ ତାଙ୍କର DSC ବ୍ଲକ୍ କରିବା ପାଇଁ ତାଙ୍କୁ ଲାଇସେନ୍ସ ପ୍ରଦାନ କରିଥିବା ଅଧିକାରୀଙ୍କୁ ଲେଖାଯିବ ।

ନିର୍ଦ୍ଧାରଣ -୨୨. କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିଙ୍କ ଦ୍ୱାରା ଅନୁମୋଦିତ ହୋଇଥିବା ଉପରୋକ୍ତ ନିର୍ଦ୍ଧାରଣ ଗୁଡିକ ଆଇନ୍ ଅନୁଯାୟୀ ଏବଂ Codal Procedure ଅନୁସରଣ କରି ଆବଶ୍ୟକୀୟ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ସର୍ବସମ୍ମତି କ୍ରମେ ମ୍ୟୁନିସିପାଲ କମିଶନରଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରାଗଲା ।

କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟିରେ ଉପସ୍ଥାପନ କରାଯାଉଥିବା ନଥିରେ ସଂପୃକ୍ତ ଠିକାଦାର / ସପ୍ଲାୟର ମାନଙ୍କ ଦ୍ୱାରା ପ୍ରଦତ୍ତ ଟେଣ୍ଡର / ନିବିଦାରେ ଲିଖିତ ସୂଚନା / ତଥ୍ୟ (Information & Facts) ଏବଂ ନିଗମ ତରଫରୁ ପ୍ରସ୍ତୁତ ବିସ୍ତୃତ ଟେଣ୍ଡର ନୋଟିସ୍ (DTCN) ର ସର୍ତ୍ତାବଳୀରେ ଭବିଷ୍ୟତରେ ଯଦି କୌଣସି ଅସାମଞ୍ଜସ୍ୟ / ତାରତମ୍ୟ (Difference), ତ୍ରୁଟି, ଖିଲାପ ପରିଲିକ୍ଷିତ ହୁଏ, ତେବେ ସଂପୃକ୍ତ ଟେଣ୍ଡର ପେପର / ଡକ୍ୟୁମେଂଟଗୁଡିକୁ ଯାଂଚ୍ (Check) କରିଥିବା ସମସ୍ତ ସରକାରୀ ଅଧିକାରୀ ମାନେ ଏଥିପାଇଁ ଦାୟୀ ରହିବେ ବୋଲି ନିଷ୍ପତି ହେଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ. ୬.୨୦ ମିନିଟ୍ ସମୟରେ ସଭା ସାଂଗ କରାଗଲା ।

ସ୍ୱା/-ଅନନ୍ତ ନାରାୟଣ ଜେନା
ସଭାପତି
ତା 17.09.2016 ରିଖ

## Comparative statement of purchase of Park Equipments as per Tender Call Notice No. 4736 Dt. 17.3.2016

| Sl No. | Item with Specification | Requirement | QUOTED PRICE | | | | | |
|---|---|---|---|---|---|---|---|---|
| | | | Krishak Sathi | | J.K. Agrotech | | Govt. Employees Consumer Co-operative Store | |
| | | | Rate per Unit | Total cost including VAT | Rate per Unit | Total cost including VAT | Rate per Unit | Total cost including VAT |
| 1 | Weed Cutter Machine | 2 nos | 51280.00 | 102560.00 | 52300.00 | 104600.00 | 47280.00 | 99288.00 |
| 2 | Manual Hedge Prunner | 5 nos | 660.00 | 3300.00 | 690.00 | 3450.00 | 535.00 | 2675.00 |
| 3 | Sickles | 12 nos | 165.00 | 1980.00 | 185.00 | 2220.00 | 130.00 | 1560.00 |

L1

**Lowest : Govt. Employees Consumer Co-op Store - All items**

5/4/16
Store Kepeer

11/08/16
Environment Officer

Deputy Commissioner (Store)

Chief Finance Officer

Additional Commissioner

# ଭୁବନେଶ୍ୱର ମହାନଗର ନିଗମ

## ସାଧାରଣ ବୈଠକ ବିବରଣୀ

ତା.୧୯.୦୯.୨୦୧୬ ରିଖ ✷ ସମୟ: ପୂର୍ବାହ୍ନ ଘ.୧୧.୦୦ ଟିକା ✷ ସ୍ଥାନ: ନିଗମ ସଭାକକ୍ଷ "ଏକାମ୍ର"

<u>ଉପସ୍ଥିତ ସଭ୍ୟ/ସଭ୍ୟା</u>

*ସର୍ବଶ୍ରୀ:*

| | | |
|---|---|---|
| ୧. | ଅନନ୍ତ ନାରାୟଣ ଜେନା | ମେୟର |
| ୨. | କେ. ଶାନ୍ତୀ | ଡେପୁଟି ମେୟର |
| ୩. | ମମତା ରାଉତ | ୱାର୍ଡ ନଂ-୦୧ |
| ୪. | ହରିଶ୍ ଚନ୍ଦ୍ର ମୁର୍ମୁ | ୱାର୍ଡ ନଂ-୦୨ |
| ୫. | ଯୟନ୍ତୀ ଜେନା | ୱାର୍ଡ ନଂ-୦୩ |
| ୬. | ଗାୟତ୍ରୀ ଲେଙ୍କା | ୱାର୍ଡ ନଂ-୦୪ |
| ୭. | ନିର୍ମଳ ଚନ୍ଦ୍ର ରାଉତ | ୱାର୍ଡ ନଂ-୦୫ |
| ୮. | ସ୍ୱର୍ଣ୍ଣପ୍ରଭା ରାୟ | ୱାର୍ଡ ନଂ-୦୭ |
| ୯. | ମୋନାଲିସା ସାହୁ | ୱାର୍ଡ ନଂ-୦୮ |
| ୧୦. | ସୂର୍ଯ୍ୟକାନ୍ତି ଜେନା | ୱାର୍ଡ ନଂ-୦୯ |
| ୧୧. | ପ୍ରଣତି ନାୟକ | ୱାର୍ଡ ନଂ-୧୦ |
| ୧୨. | ରଶ୍ମିତା ମହାନ୍ତି | ୱାର୍ଡ ନଂ-୧୧ |
| ୧୩. | ସଞ୍ଜୟ କୁମାର ସେଠୀ | ୱାର୍ଡ ନଂ-୧୨ |
| ୧୪. | ସୌଭାଗ୍ୟ ବାରିକ | ୱାର୍ଡ ନଂ-୧୩ |
| ୧୫. | ଦେବୀ ପ୍ରସାଦ ମଲ୍ଲିକ୍ | ୱାର୍ଡ ନଂ-୧୪ |
| ୧୬. | ସମୀର ପ୍ରଧାନ | ୱାର୍ଡ ନଂ-୧୫ |
| ୧୭. | ଭାରତୀ ସିଂ | ୱାର୍ଡ ନଂ-୧୬ |
| ୧୮. | ସୁସ୍ମିତା ଦାସ | ୱାର୍ଡ ନଂ-୧୭ |
| ୧୯. | ସୁକାନ୍ତି ସୁବୁଦ୍ଧି | ୱାର୍ଡ ନଂ-୧୮ |
| ୨୦. | ଜ୍ୟୋସ୍ନାରାଣୀ ରାଉତରାୟ | ୱାର୍ଡ ନଂ-୧୯ |
| ୨୧. | ବାସନ୍ତି ସିଂ | ୱାର୍ଡ ନଂ-୨୦ |
| ୨୨. | ପ୍ରେମାନନ୍ଦ ଜେନା | ୱାର୍ଡ ନଂ-୨୧ |
| ୨୩. | ହରେକୃଷ୍ଣ ନାୟକ | ୱାର୍ଡ ନଂ-୨୨ |
| ୨୪. | ଦିଲିପ କୁମାର ମାଝୀ | ୱାର୍ଡ ନଂ-୨୩ |
| ୨୫. | ହରପ୍ରିୟା ସାହୁ | ୱାର୍ଡ ନଂ-୨୪ |
| ୨୬. | ମାନସୀରାଣୀ ସୁନ୍ଦରାୟ | ୱାର୍ଡ ନଂ-୨୫ |
| ୨୭. | ଝୁନୀବାଳା ଦେଇ | ୱାର୍ଡ ନଂ-୨୬ |
| ୨୮. | ପ୍ରତିମା ରାଉତରାୟ | ୱାର୍ଡ ନଂ-୨୭ |
| ୨୯. | ପୁଷ୍ପାଞ୍ଜଳି ଦାସ | ୱାର୍ଡ ନଂ-୨୮ |
| ୩୦. | ସେଖ୍ ନିଜାମଉଦ୍ଦିନ | ୱାର୍ଡ ନଂ-୨୯ |
| ୩୧. | ଶାଶ୍ୱତୀ ମିଶ୍ର | ୱାର୍ଡ ନଂ-୩୦ |
| ୩୨. | କୁମାରେନ୍ଦ୍ର ମହାପାତ୍ର | ୱାର୍ଡ ନଂ-୩୧ |
| ୩୩. | ସୁଷମା ଜେନା | ୱାର୍ଡ ନଂ-୩୨ |
| ୩୪. | ସୁରେଶ ଚନ୍ଦ୍ର ଜେନା | ୱାର୍ଡ ନଂ-୩୩ |
| ୩୫. | ଭାନୁପ୍ରିୟା ଦାସ | ୱାର୍ଡ ନଂ-୩୪ |
| ୩୬. | ଦେବାଶିଷ ସିଟ୍ | ୱାର୍ଡ ନଂ-୩୫ |
| ୩୭. | ନରେନ୍ କୁମାର ସାହୁ | ୱାର୍ଡ ନଂ-୩୬ |
| ୩୮. | ନବକିଶୋର ବେହେରା | ୱାର୍ଡ ନଂ-୩୭ |
| ୩୯. | ନିଖିଳ କୁମାର ବଳବନ୍ତରାୟ | ୱାର୍ଡ ନଂ-୩୮ |
| ୪୦. | ପ୍ରତିଭା ସାମନ୍ତରାୟ | ୱାର୍ଡ ନଂ-୩୯ |
| ୪୧. | ରାମଚନ୍ଦ୍ର ପ୍ରଧାନ | ୱାର୍ଡ ନଂ-୪୦ |
| ୪୨. | ମମତା ସାହୁ | ୱାର୍ଡ ନଂ-୪୧ |
| ୪୩. | ପୁଷ୍ପାଞ୍ଜଳି ସେଠୀ | ୱାର୍ଡ ନଂ-୪୨ |
| ୪୪. | ରାଜଲକ୍ଷ୍ମୀ ନାଏକ | ୱାର୍ଡ ନଂ-୪୩ |
| ୪୫. | ରଚନା ପାଟସାହାଣୀ | ୱାର୍ଡ ନଂ-୪୪ |
| ୪୬. | ଅମରେଶ ଜେନା | ୱାର୍ଡ ନଂ-୪୫ |
| ୪୭. | ପ୍ରଣବ କିଶୋର ସ୍ୱାଇଁ | ୱାର୍ଡ ନଂ-୪୬ |
| ୪୮. | ନିହାର ରଞ୍ଜନ ସାହୁ | ୱାର୍ଡ ନଂ-୪୮ |
| ୪୯. | ଅଶ୍ୱିନୀ କୁମାର ସୁନ୍ଦରାୟ | ୱାର୍ଡ ନଂ-୪୯ |
| ୫୦. | ସୁଜିତ କୁମାର ସ୍ୱାଇଁ | ୱାର୍ଡ ନଂ-୫୦ |
| ୫୧. | ବିନୟନୀ ଜେନା | ୱାର୍ଡ ନଂ-୫୧ |
| ୫୨. | ଶ୍ରୀଧର ବେହେରା | ୱାର୍ଡ ନଂ-୫୨ |
| ୫୩. | ମହାମାୟା ସ୍ୱାଇଁ | ୱାର୍ଡ ନଂ-୫୩ |
| ୫୪. | ରଶ୍ମିତା ମହାପାତ୍ର | ୱାର୍ଡ ନଂ-୫୪ |
| ୫୫. | ସିମା ନାୟକ | ୱାର୍ଡ ନଂ-୫୫ |
| ୫୬. | ବନ୍ଦନା ସାହୁ | ୱାର୍ଡ ନଂ-୫୭ |
| ୫୭. | ପୁଷ୍ପା ଦାସ | ୱାର୍ଡ ନଂ-୫୮ |
| ୫୮. | ବିରଂଚି ନାରାୟଣ ମହାସୁପକାର | ୱାର୍ଡ ନଂ-୫୯ |
| ୫୯. | ଦିପ୍ତିମୟୀ ସମର୍ଥା | ୱାର୍ଡ ନଂ-୬୦ |
| ୬୦. | ଅନିତାରାଣୀ ମହାନ୍ତି | ୱାର୍ଡ ନଂ-୬୧ |
| ୬୧. | ହୃଦୟ ବଲ୍ଲଭ ସାମନ୍ତରାୟ | ୱାର୍ଡ ନଂ-୬୨ |
| ୬୨. | ରଘୁନାଥ ମହାନ୍ତି | ୱାର୍ଡ ନଂ-୬୩ |
| ୬୩. | ମୁଜାହିଦ୍ ହୁସେନ୍ | ୱାର୍ଡ ନଂ-୬୪ |
| ୬୪. | ଜୋସ୍ନାମୟୀ ଜେନା | ୱାର୍ଡ ନଂ-୬୫ |
| ୬୫. | ଛବି ଦାଶ | ୱାର୍ଡ ନଂ-୬୬ |
| ୬୬. | ଦେବୀ ପ୍ରସାଦ ନନ୍ଦ | ୱାର୍ଡ ନଂ-୬୭ |
| ୬୭. | ଶ୍ରୀ ବିଜୟ କୁମାର ମହାନ୍ତି<br>ମାନ୍ୟବର ବିଧାୟକ, ଭୁବନେଶ୍ୱର "ମଧ" | |
| ୬୮. | ଶ୍ରୀ ପ୍ରିୟଦର୍ଶୀ ମିଶ୍ର<br>ମାନ୍ୟବର ବିଧାୟକ, ଭୁବନେଶ୍ୱର "ଉତର" | |
| ୬୯. | ଅକ୍ଷୟ କୁମାର ଦିକ୍ଷିତ<br>ମାନ୍ୟବର ଲୋକ ସଭା ସାଂସଦ ଭୁବନେଶ୍ୱରଙ୍କ ପ୍ରତିନିଧି | |

୧୯/୯/୧୬

ଅଦ୍ୟ ତା ୧୯.୦୯.୨୦୧୬ ରିଖ ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ଭୁବନେଶ୍ୱର ମହାନଗର ନିଗମର ଏକ ସାଧାରଣ ବୈଠକ ନିଗମ ସଭାକକ୍ଷ "ଏକାମ୍ର " ରେ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ ନିଗମର ମାନ୍ୟବର ମେୟର- ତଥା-ଗୃହର ସ୍ଥାୟୀ ସଭାପତି ଶ୍ରୀଯୁକ୍ତ ଅନନ୍ତ ନାରାୟଣ ଜେନା ସଭାପତିତ୍ୱ କରିଥିଲେ । ମେୟର-ତଥା-ସଭାପତି ବୈଠକରେ ଉପସ୍ଥିତ ଡ଼େପୁଟି ମେୟର, ଷ୍ଟାଣ୍ଡିଂ କମିଟି ଚେୟାରମ୍ୟାନ୍ / ଚେୟାରପରସନ୍, କମିଶନର, କର୍ପୋରେଟର, ଅତିରିକ୍ତ କମିଶନର, ଅନ୍ୟାନ୍ୟ ବିଭାଗରୁ ଆସିଥିବା ଅଧିକାରୀ ଓ ନିଗମର ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ୱାଗତ କରିଥିଲେ । ନିଗମର ପ୍ରଚଳିତ ପ୍ରଥା ଅନୁଯାୟୀ "ବନ୍ଦେ ଉତ୍କଳ ଜନନୀ" ବନ୍ଦନା ଗାନ କରାଯିବା ପରେ କାର୍ଯ୍ୟସୂଚୀ ମତେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ସଭା ଆରମ୍ଭରେ ମେୟର-ତଥା-ସଭାପତି କହିଥିଲେ ଯେ, ଗତ ସ୍ୱାୟତ ଶାସନ ଦିବସରେ ମାନ୍ୟବର ମନ୍ତ୍ରୀ, ବିଧାୟକ, କମିଶନର, ଅନ୍ୟାନ୍ୟ ଅଧିକାରୀଙ୍କ ସହଯୋଗରେ କର୍ପୋରେସନର ନୂତନ ଗୃହ ସହିତ ବହୁ ପ୍ରକଳ୍ପର ଶିଳାନ୍ୟାସ ଓ ଉଦ୍‌ଘାଟନ କରାଯାଇଅଛି । ସେଥିପାଇଁ ଆମେ ସେମାନଙ୍କୁ ଧନ୍ୟବାଦ ଦେବା । ଆଗକୁ ଦଶହରା ଆସୁଅଛି । ନିଗମାଂଚଳର ବହୁ ରାସ୍ତା ଚଳିତ ବର୍ଷାରେ ଖାଲଖମା ହୋଇଅଛି । ସେଗୁଡ଼ିକୁ ମରାମତି କରିବା ପାଇଁ ଅନ୍ୟାନ୍ୟ ବିଭାଗରୁ ଆସିଥିବା ଯନ୍ତ୍ରୀମାନଙ୍କୁ କହିଥିଲେ । ସଫେଇ ଠିକ୍ ରୂପେ ହେଉନାହିଁ । ନଗର ସ୍ୱାସ୍ଥ୍ୟ ଅଧିକାରୀ, ସହକାରୀ ସ୍ୱାସ୍ଥ୍ୟ ଅଧିକାରୀ, ପରିମଳ ନିରୀକ୍ଷକମାନେ ପ୍ରତ୍ୟେକ ୱାର୍ଡ଼ ବୁଲନ୍ତୁ । ଚାରି ପାଂଚ ଜଣ ପ୍ରଶାସନିକ ଅଧିକାରୀଙ୍କୁ ପରିମଳ କାର୍ଯ୍ୟ ତଦାରଖ କରିବାକୁ ନିର୍ଦ୍ଦେଶ ଦେବା ନିମନ୍ତେ କମିଶନରଙ୍କୁ କହିଥିଲେ । ରାତିରେ ରାସ୍ତାଲୋକ ଡ଼ିମ୍ ଜଳୁଅଛି । Sodium light ଜଳୁନାହିଁ । ଏଗୁଡ଼ିକୁ ଦେଖିବା ପାଇଁ ନିଗମର ନଗର ଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ । ଯେଉଁଠାରେ Underground ରେ ଖୋଳାହୋଇ R.W. ଯାଉଅଛି, କେତେକ ଜାଗାରେ ତାହା ବଙ୍କା ହୋଇଯାଉଅଛି ସେଗୁଡ଼ିକୁ ସିଧାସଳଖ ଖୋଳାଯାଇ ନିଆଯିବ । ପ୍ରଥମେ କମିଶନର କହିବେ ଏବଂ ପରେ ସ୍ମାର୍ଟସିଟି ବିଷୟରେ ବୈଠକରେ ଉପସ୍ଥିତ ଥିବା Smart city Pvt. Ltd. ର ସାଧାରଣ ସମ୍ପାଦକ କହିବେ ।

ସଭାପତିଙ୍କ ଅନୁମତି କ୍ରମେ କମିଶନର ମାନ୍ୟବର ମେୟର, ଡ଼େପୁଟି ମେୟର, କର୍ପୋରେଟର, ଅତିରିକ୍ତ କମିଶନର ଓ ଅନ୍ୟାନ୍ୟ ଅଧିକାରୀଙ୍କୁ ସ୍ୱାଗତ ଜଣାଇ କହିଥିଲେ ଯେ ଗତ ସ୍ୱାୟତ ଶାସନ ଦିବସରେ ବହୁତ ପ୍ରକଳ୍ପ ଉଦ୍‌ଘାଟନ ଓ ଶିଳାନ୍ୟାସ କରାଯାଇଅଛି । Water ATM ଆରମ୍ଭ ହୋଇଅଛି, ଆଉ ୪୦ ଗୋଟି ୱାର୍ଡ଼ରେ ହେବ । ନୂଆ କାର୍ଯ୍ୟାଳୟ ଗୃହ ପାଇଁ ସାଧାରଣ ପ୍ରଶାସନ ବିଭାଗରୁ NOC ଆସିଯାଇଅଛି । ଜାମୁକୋଳିରେ ଗୋଶାଳ କରାଯାଇଅଛି । Water Body ପାଇଁ ଟେଣ୍ଡର ହୋଇଯାଇଅଛି । ୧୮ ଗୋଟି Water Body କାମ ହେବ । ଜାମୁକୋଳି ଠାରେ ପଶୁ କଲ୍ୟାଣ ଓ ଘାଟିକିଆର ମାଂସ ମାର୍କେଟ୍ କାମ ଆରମ୍ଭ ହୋଇଅଛି । ଭୁବନେଶ୍ୱର ମହାନଗର ନିଗମାଂଚଳରେ ପ୍ରାୟ ୩୨ ହଜାରରୁ ୩୪ ହଜାର ବୁଲା କୁକୁର ଅଛନ୍ତି । ସେମାନଙ୍କ ମଧ୍ୟରୁ ୧୬,୦୦୦ କୁକୁରଙ୍କୁ ବନ୍ଧ୍ୟାକରଣ କରାଗଲାଣି । ସମସ୍ତ ବୁଲା କୁକୁରଙ୍କୁ ବନ୍ଧ୍ୟାକରଣ କରିବାକୁ ପଡ଼ିବ ଏବଂ ଏଥିପାଇଁ ରାଜ୍ୟ ସରକାରଙ୍କ ଠାରୁ ଅନୁଦାନ ମଞ୍ଜୁର କରିବା ପାଇଁ ଅନୁରୋଧ କରାଯିବ । ଭବାନୀମଲରେ ନିଗମ ଅଂଶକୁ ବିକ୍ରି କରାନଯାଇ Long term leaze ଦିଆଯିବ । ସେଥି ମଧ୍ୟରୁ Smart city Pvt. Ltd. କିଛି ଅଂଶ ନେଇଛନ୍ତି । ଅବଶିଷ୍ଟ ପାଇଁ ଦରଖାସ୍ତ ଆସିଅଛି । ଏଥିରୁ ବର୍ଷକୁ ପ୍ରାୟ ଚାରି କୋଟି ଟଙ୍କା ଆସିବ । କେଶରୀ ମଲର Valuation Hudco ଙ୍କ ମାଧ୍ୟମରେ କରାଯାଇଅଛି । ସେ ଯେଉଁ ଅଧିକ ନିର୍ମାଣ କରିଛନ୍ତି ସେ ଆମକୁ ଦେବେ କିମ୍ବା ସେଥିପାଇଁ ଅର୍ଥ ଦେବ ଏବଂ ନିଗମ ଅଂଶ ନିଲାମ କରାଯିବ । ସ୍ମାର୍ଟ ସିଟି ବିଷୟରେ ସ୍ମାର୍ଟ ସିଟିର ସାଧାରଣ ସମ୍ପାଦକ ଗୃହକୁ ଅବଗତ କରାଇବେ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ ବୈଠକରେ ଉପସ୍ଥିତ ଥିବା ସ୍ମାର୍ଟ ସିଟି ସାଧାରଣ ସମ୍ପାଦକ ମାନ୍ୟବର ମେୟର, ଡ଼େପୁଟି ମେୟର, କମିଶନର, କର୍ପୋରେଟର ଅନ୍ୟାନ୍ୟ ଅଧିକାରୀଙ୍କୁ କୃତଜ୍ଞତା ଜଣାଇ କହିଥିଲେ ଯେ, ସ୍ମାର୍ଟ ସିଟିର ସମସ୍ତ ଅଧିକାରୀ ଯୋଗ ଦେଇସାରିଲେଣି । Project ଗୁଡ଼ିକ ପାଇଁ RPP କରାଯାଇଅଛି । Traffic Signal Project ଓ Railway multiple Parking ପାଇଁ RPP କରାଯାଇଅଛି । Housing Scheme ପାଇଁ ସ୍ଥାନ ନିରୁପଣ କରାଯାଇ DPR ପ୍ରସ୍ତୁତ ଚାଲିଅଛି । ୟୁନିଟ୍-୧ ରେ ଏକ ମଲ୍ଟି ଲେବଲ କାର୍ ପାର୍କିଂ କରାଯିବ କହି ତାଙ୍କର ବକ୍ତବ୍ୟ ଶେଷ କରିଥିଲେ ।

ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ଶ୍ରୀ ରାମଚନ୍ଦ୍ର ପ୍ରଧାନ କହିଥିଲେ ଯେ, ରାଜମହଲ ଛକ ଠାରୁ ଏ.ଜି. ଛକ ରାସ୍ତାର ମଧ୍ୟସ୍ଥଳରେ ମଲ୍ଟି ଲେବଲ ପାର୍କିଂ କରାଯାଉ ଏବଂ ଏକ ନମ୍ବର ହାଟରୁ ଦୁଇ ନମ୍ବର ହାଟକୁ ଯାତାୟତ ପାଇଁ ଜନସାଧାରଣ ରାସ୍ତା ପାରିହୋଇ ଯିବାପାଇଁ ଅସୁବିଧା ହେଉଅଛି । ସେଠାରେ ଏକ ଫୁଟ ଓଭରବ୍ରିଜ୍ କରାଯାଉ ବୋଲି ଦାବି କରିଥିଲେ ।

ଏହା ଉପରେ କମିଶନର କହିଥିଲେ ଯେ, ରାଜମହଲ ଛକ ଠାରୁ ଏ.ଜି. ଛକ ମଧ୍ୟରେ ଥିବା ରାସ୍ତାରେ ପାର୍କିଂ ପାଇଁ ପୋଲିସ କମିଶନର ରାଜି ହେଉନାହାଁନ୍ତି । କାରଣ ଟ୍ରାଫିକ ସମାସ୍ୟା ହେବ । ଫୁଟ ଓଭରବ୍ରିଜ୍ ପାଇଁ ବିଜ୍ଞାପନଦାତା ମାନଙ୍କ ଦ୍ୱାରା କରାଯାଇପାରିବ ।

ପ୍ରସ୍ତାବ-୧. ଗତ ତା ୨୮.୦୭.୨୦୧୬ ରିଖ ନିଗମ ସାଧାରଣ ବୈଠକ ବିବରଣୀ ଦୃଢ଼ୀକରଣ:-

ନିର୍ଦ୍ଧାରଣ-୧. ଗତ ତା ୨୮.୦୭.୨୦୧୬ ରିଖ ନିଗମ ସାଧାରଣ ବୈଠକ ବିବରଣୀ ସର୍ବ ସମ୍ମତି କ୍ରମେ ଦୃଢ଼ୀକରଣ କରାଗଲା ।

ପ୍ରସ୍ତାବ -୨. <u>ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରଶ୍ନ :-</u> (ତା ୧୯.୦୯.୨୦୧୬ ରିଖ)

<u>ଶ୍ରୀ ରଘୁନାଥ ମହାନ୍ତି, ୱାର୍ଡ ନଂ-୬୩</u>

ପ୍ରଶ୍ନ -୨(୧). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ଖରାଗଲା, ବର୍ଷାଗଲା କିନ୍ତୁ ମୋ ୱାର୍ଡ଼ରେ ଏପର୍ଯ୍ୟନ୍ତ ଗଛ ଲାଗିଲାନାହିଁ ?

ଉତର-୨(୧). Tree guard କିଣାଯାଇ ନପାରିବାରୁ ବୃକ୍ଷରୋପଣ କରାଯାଇ ପାରିନାହିଁ । ବର୍ତ୍ତମାନ Tree guard କିଣିବା ପାଇଁ ଟେଣ୍ଡର ମାଧ୍ୟମରେ ବ୍ୟବସ୍ଥା କରାଯାଉଛି । Tree guard ଆସିଲେ ବୃକ୍ଷରୋପଣ କରିବା ପାଇଁ ବ୍ୟବସ୍ଥା କରାଯିବ ।

ପ୍ରଶ୍ନକର୍ତ୍ତା ଅତିରିକ୍ତ ପ୍ରଶ୍ନରେ ଜାଣିବାକୁ ଚାହିଁଥିଲେ ଯେ, କେବେ Tree guard ଆସିବ ? ଏହା ଉପରେ ଆଲୋଚନା କରାଗଲା । ଏହା ଉପରେ ସ୍ପଷ୍ଟିକରଣ ଦେଇ କମିଶନର Tree guard କ୍ରୟ କରିବା ପାଇଁ ଶୀଘ୍ର ଟେଣ୍ଡର ଡ଼ାକିବା ନିମନ୍ତେ ସାଧାରଣ ଭଣ୍ଡାର ରକ୍ଷକଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ପ୍ରଶ୍ନ -୨(୨). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ତପୋବନ ବସ୍ତିରେ RAY ରେ ଘର ପାଇବା ପାଇଁ ୮୦ ଜଣ ବଂଚିତ ଅଛନ୍ତି । ସର୍ଭେ କରିଥିଲେ କିଏ ?

ଉତର-୨(୨). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ଥିବା ବସ୍ତି ଗୁଡ଼ିକ ସାମାଜିକ ଅର୍ଥନୈତିକ ସର୍ଭେକ୍ଷଣ, ରାଜିବ ଆବାସ ଯୋଜନା ଅଧିନରେ SPARC ଦ୍ୱାରା କରାଯାଇଥିଲା ।

ତପୋବନ ବସ୍ତିର ସର୍ଭେ ତାଲିକା Community Validation ସଭାରେ ଉପସ୍ଥାପନ କରାଯାଇ ୪୮୪ ଗୋଟି ନାମ ତାଲିକା ଚୂଡ଼ାନ୍ତ ହୋଇଥିଲା । ସେହି ସଭାଟି ସ୍ଥାନୀୟ କର୍ପୋରେଟର, ଏରିଆ କମ୍ୟୁନିଟି ଅର୍ଗାନାଇଜର, CLTC Specialist, Head NGO ର representative ଙ୍କ ଉପସ୍ଥିତିରେ କରାଯାଇ ନିଷ୍ପତି ନିଆଯାଇଥିଲା ।

ଇତି ମଧ୍ୟରେ ଯଦି କେହି ନୂତନ ବସ୍ତିବାସିନ୍ଦା ଆସି ତପୋବନ ବସ୍ତିରେ ରହିଥାନ୍ତି, ତେବେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା ନିୟମାବଳୀ ଅନୁସାରେ ହେବାକୁ ଥିବା ସର୍ଭେ ସମୟରେ ଆବେଦନ କରିପାରନ୍ତି ।

ପ୍ରଶ୍ନ -୨(୩). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, କର୍ପୋରେସନରେ ମିଟିଙ୍ଗ୍‌ରେ ପାସ୍ ହୋଇଥିଲା ପ୍ରତ୍ୟେକ ୱାର୍ଡ଼ରେ ଦୁଇଟା ଟ୍ୟୁବ୍‌ୱେଲ୍ ହେବ, ଏପର୍ଯ୍ୟନ୍ତ ଟ୍ୟୁବ୍‌ୱେଲ୍ ହେଲାନାହିଁ ?

ଉତର-୨(୩). ତଥ୍ୟ ସଂଗ୍ରହ କରାଯାଇ ପରବର୍ତ୍ତୀ ବୈଠକରେ ଉପସ୍ଥାପନ କରାଯିବ ।

<u>ଶ୍ରୀ ରାମଚନ୍ଦ୍ର ପ୍ରଧାନ, ୱାର୍ଡ ନଂ-୪୦</u>

ପ୍ରଶ୍ନ -୨(୪). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ଭୁବନେଶ୍ୱର ମହାନଗର ନିଗମର ଅଂଚଳରେ ସଫେଇ ଘରୋଇକରଣ ହେବା ପୂର୍ବରୁ ଭୁବନେଶ୍ୱର ଅଂଚଳର BMC ଦ୍ୱାରା ପଞ୍ଜିକୃତ ହୋଇଥିବା ହୋଟେଲ, ଆପାର୍ଟମେଂଟ ଓ ହସ୍ପିଟାଲ୍ ଗୁଡ଼ିକର ନାମ କ'ଣ, କେଉଁ ୱାର୍ଡ଼ରେ ଅବସ୍ଥିତ. ମାସିକ କେତେ ଟଙ୍କା BMC କୁ ଦେଉଥିଲେ ଏବଂ ଏହାକୁ କିଏ ଆଦାୟ କରୁଥିଲା ? ଏହାର ଏକ ତାଲିକା ପ୍ରଦାନ କରାଯାଉ । ବର୍ତ୍ତମାନ BMC ଅଂଚଳ ସଫେଇ ଘରୋଇକରଣ ହେବାପରେ BMC ଅଂଚଳରେ ଥିବା ହୋଟେଲ, ଆପାର୍ଟମେଂଟ ଓ ହସ୍ପିଟାଲ ଗୁଡ଼ିକର ସଫେଇ, BMC କିମ୍ବା BMC ଦ୍ୱାରା ଚୁକ୍ତି ହୋଇଥିବା ସଫେଇ ସଂସ୍ଥା କରୁଛନ୍ତି । ଏହି BMC ଅଂଚଳରେ ସଫେଇ କରା ହେଉଥିବା ହୋଟେଲ, ଆପାର୍ଟମେଂଟ ଓ ହସ୍ପିଟାଲ୍ ଗୁଡ଼ିକର ନାମ କ'ଣ, କେଉଁ କେଉଁ ୱାର୍ଡ଼ରେ ଅବସ୍ଥିତ, ଏହି ସଂସ୍ଥାରୁ ମାସିକ କେତେ ଟଙ୍କା ଆଦାୟ କରାଯାଉଅଛି, କେଉଁ କର୍ମଚାରୀ ଏହାକୁ ଆଦାୟ କରୁଛନ୍ତି, ଏହି ଆଦାୟ କେବେ ଠାରୁ ଆଦାୟ କରାଯାଉଛି ? ଏହାର ଏକ ତାଲିକା ଗୃହରେ ପ୍ରଦାନ କରାଯାଉ । ଯଦି ଉପରୋକ୍ତ ଲାଭବାନ ସଂସ୍ଥା ଗୁଡ଼ିକରୁ ଟଙ୍କା ଆଦାୟ କରାଯାଉନାହିଁ କିମ୍ବା BMC ଅଗୋଚରରେ ଟଙ୍କା ଆଦାୟ କରାଯାଉଅଛି, ଏହି କ୍ଷତିଭରଣ କାହାଠାରୁ କରାଯିବ ?

ଉତର-୨(୪). ଭୁବନେଶ୍ୱର ମହାନଗର ନିଗମାଂଚଳରେ ଥିବା ହୋଟେଲ, ଆପାର୍ଟମେଂଟ ଓ ହସ୍ପିଟାଲ୍ ଗୁଡ଼ିକର ନାମ, ୱାର୍ଡ ଓ ମାସିକ କେତେ ଟଙ୍କା ଆଦାୟ କରାଯାଉଅଛି ତାହାର ତାଲିକା Annexure-A ରେ ସଂଲଗ୍ନ କରାଗଲା । ଏଗୁଡ଼ିକରୁ Express Clinic ବାବଦୀୟ ଅର୍ଥ ନିଗମର ପରିମଳ ନୀରିକ୍ଷକମାନେ ଆଦାୟ କରୁଥିଲେ । ଏହା ୨୦୧୫ ମସିହା ଜୁନ୍ ମାସର ପ୍ରଥମ ସପ୍ତାହ ଠାରୁ

ବନ୍ଦ ହୋଇଅଛି ବୋଲି ନିଗମର ସ୍ୱାସ୍ଥ୍ୟ ଅଧିକାରୀ ଜଣାଇଛନ୍ତି । ୨୦୧୫-୧୬ ବର୍ଷ ଠାରୁ ଲାଗୁ ହୋଇଥିବା Users Fee କର୍ପୋରେସନଙ୍କ ନିଷ୍ପତି କ୍ରମେ ୨୦୧୬-୧୭ ବର୍ଷ ଠାରୁ Users Fee ଆଦାୟ କରାଯିବା ପାଇଁ ପଦକ୍ଷେପ ନିଆଯାଉଅଛି ।

ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜିକୃତ କରାଯାଇଥିବା ହୋଟେଲ ଗୁଡ଼ିକର Users Fee ମୂଲ୍ୟ ନିର୍ଦ୍ଧାରଣ ପାଇଁ ବିଚାରାଧିନ ଥିବାରୁ ବର୍ତମାନ Users Fee ଆଦାୟ ବନ୍ଦ ରଖାଯାଇଅଛି ।

ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜିକୃତ କରାଯାଇଥିବା ଆପାର୍ଟମେଂଟ ଗୁଡ଼ିକରୁ ପୂର୍ବ ନିର୍ଦ୍ଧାରିତ Express Clinic Service Charges ଆଦାୟ ପରିବର୍ତେ ବର୍ତମାନ ସରକାରଙ୍କ ନିର୍ଦ୍ଧାରଣ ଅନୁସାରେ ବ୍ୟକ୍ତିଗତ ଭାବେ ପ୍ରତ୍ୟେକ ହୋଲ୍ଡିଂ ପିଛା @ Rs.1,200/- ଓ @ Rs.2,400 ହାରରେ ଆଦାୟ କରାଯାଉଅଛି । ଆପାର୍ଟମେଂଟ ଗୁଡ଼ିକର ବର୍ତମାନ ସୁଦ୍ଧା ଆଦାୟ ପରିମାଣ ପ୍ରଦାନ କରିବା ସମୟ ସାପକ୍ଷ ଅଟେ ।

ନିଗମର ସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟରେ ପଞ୍ଜିକୃତ କରାଯାଇଥିବା ହସ୍ପିଟାଲ୍ ଗୁଡ଼ିକ ମଧ୍ୟରୁ S.E.Zone ଅଧିନରେ ଥିବା ନଅ ଗୋଟିରୁ ଦୁଇ ଗୋଟି ହସ୍ପିଟାଲ୍‌ରୁ କର କ୍ଲିନିକ୍‌ରୁ Rs.1,60,000/- ଓ ଜଗନ୍ନାଥ ସେବା ସଦନରୁ Rs.29,200/- Users Fee ବାବଦରେ ଆଦାୟ କରାଯାଇଅଛି । ଅବଶିଷ୍ଟ ସାତ ଗୋଟି ହସ୍ପିଟାଲକୁ ନୋଟିସ ଜାରି କରାଯାଇଅଛି । North Zone ର ବଡ଼ ବଡ଼ ସଂସ୍ଥା ମାନଙ୍କ ମଧ୍ୟରେ କେବଳ ଆପୋଲୋ ହସ୍ପିଟାଲ୍ ଚଳିତ ଆର୍ଥିକ ବର୍ଷ ନିମନ୍ତେ Advance Users Fee Rs.7,80,165/- ପ୍ରଦାନ କରିଅଛନ୍ତି ।

ହୋଟେଲ, ରେଷ୍ଟୁରାଂଟ, ହସ୍ପିଟାଲରୁ ବାହାରୁଥିବା ଅଳିଆ ଆବର୍ଜନା ଆମେ ନେଉଅଛେ ସେଥିପାଇଁ ଆମେ ଠିକାଦାରଙ୍କୁ ଅର୍ଥ ପୈଠ କରୁଅଛୁ । ସେମାନଙ୍କ ଠାରୁ ଅର୍ଥ ଆଦାୟ ନହେବା ଦ୍ୱାରା ନିଗମ ଆର୍ଥିକ କ୍ଷତି ଘଟୁଅଛି । ଏଥିପାଇଁ କିଏ ଦାୟୀ ରହିବ ବୋଲି ପ୍ରଶ୍ନକର୍ତା ଜାଣିବାକୁ ଚାହିଁଥିଲେ । ଏହା ଉପରେ ଆଲୋଚନା କରାଗଲା । ଯେହେତୁ ନିଗମର ଆର୍ଥିକ କ୍ଷତି ଘଟୁଅଛି ତେଣୁ ରାଜ୍ୟ ସରକାର ଧାର୍ଯ୍ୟ କରିଥିବା Users Fee ହୋଟେଲ, ରେଷ୍ଟୁରାଂଟ, ହସ୍ପିଟାଲରୁ ଆଦାୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ଶ୍ରୀଧର ବେହେରା, ୱାର୍ଡ ନଂ-୫୨</u>

ପ୍ରଶ୍ନ-୨(୫). ମାନ୍ୟବର ମେୟର ମହୋଦୟ ଦୟାକରି ଗୃହକୁ ଜଣାଇବେ କି, ତା ୨୭.୦୬.୨୦୧୨ ରିଖରେ BMC Road କୁ ଭୀମପୁର ମୌଜାର ଜଣେ ବ୍ୟକ୍ତି ଦଖଲ କରୁଛନ୍ତି ବୋଲି କର୍ପୋରେଟର ହୃଦୟ ବଲ୍ଲଭ ସାମନ୍ତରାୟ ପ୍ରଶ୍ନ କରିଥିଲେ । ସେହି ପ୍ରଶ୍ନର ଉତର ସରଜମିନ୍ ତଦନ୍ତ କରାଯିବା ପରେ ଏ ସମ୍ବନ୍ଧୀୟ ପ୍ରଶ୍ନର ଉତର ସଂଗ୍ରହ କରାଯାଇ ପରବର୍ତୀ ବୈଠକରେ ଦିଆଯିବ ବୋଲି କୁହାଯାଇଥିଲା । ଏ ପର୍ଯ୍ୟନ୍ତ ତାହା ତଦନ୍ତ ହୋଇଅଛି କି ନାହିଁ ? ଯଦି ହୋଇଅଛି କ'ଣ ତଦନ୍ତ ହୋଇଅଛି, ଯଦି ହୋଇନାହିଁ ତେବେ କାହିଁକି ତଦନ୍ତ କରାଯାଇନାହିଁ ତାହା ଗୃହରେ ଜଣାଇପାରିବେ କି ? ତା ୧୧.୦୬.୨୦୧୪ ରିଖରେ କର୍ପୋରେସନରେ ଏହି ରାସ୍ତା ଉପରେ ପୁନର୍ବାର ପ୍ରଶ୍ନ ଉଠାଇଥିଲେ । କମିଶନର ମହୋଦୟ ଏହାକୁ ୩ ଦିନ ମଧ୍ୟରେ ଭାଙ୍ଗିବା ପାଇଁ Asst. Commissioner (Recovery) ଙ୍କୁ ନିର୍ଦ୍ଦେଶ ଦେଇଥିଲେ । ତାହା ନଭାଙ୍ଗିବାର କାରଣ କ'ଣ ଏବଂ ମୁଁ ଶୁଣିବାକୁ ପାଇଛି, ଅପରପକ୍ଷ ଏହି ବାବଦରେ ବି.ଏମ୍.ସି ନାମରେ କୋର୍ଟରେ କେଶ୍ କରିଅଛି ଏହା କେତେଦୂର ସତ ଓ ମାନ୍ୟବର କୋର୍ଟ ଏହା ଉପରେ କ'ଣ ରାୟ ଦେଇଛନ୍ତି ?

ଉତର-୨(୫). ଉକ୍ତ ସ୍ଥାନ ଉପରେ ଅଦାଲତରେ C.S No.-246/14, I.A No.-249/14 ଏବଂ F.O-765/14 ଏହିପରି ତିନୋଟି ମାମଲା ବି.ଏମ୍.ସି. ବିପକ୍ଷରେ କରାଯାଇଥିଲା । ଉପରୋକ୍ତ ତିନୋଟି ମାମଲା ମଧ୍ୟରୁ I.A No.-249/14 କେଶ୍‌ଟି ଫଇସଲା ହୋଇ ଯାଇଅଛି କିନ୍ତୁ C.S No.-246/14 ଏବଂ ମାନ୍ୟବର Additional District Judge କୋର୍ଟରେ କରିଥିବା ଅପିଲ FAO-765/14 ଉକ୍ତ ଦୁଇଟି ମାମଲା କୋର୍ଟରେ ବିଚାରାଧିନ ଅଛି ।

ପ୍ରସ୍ତାବ-୩. ପୂର୍ତ ବିଭାଗର ବିଭିନ୍ନ କାର୍ଯ୍ୟର ପ୍ରଗତି ବିବରଣୀ ଉପସ୍ଥାପନ :-

ନିର୍ଦ୍ଧାରଣ-୩. ଉପସ୍ଥାପନ କରାଗଲା ।

ପ୍ରସ୍ତାବ-୪. ବିଭିନ୍ନ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ :-

ନିର୍ଦ୍ଧାରଣ-୪(୧). ଗତ ତା 22.08.2016 ରିଖ ଓ ତା 15.09.2016 ରିଖ ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।।

ନିର୍ଦ୍ଧାରଣ-୪(୨). ଗତ ତା 19.08.2016 ରିଖ ଓ ତା 15.09.2016 ରିଖ ପବ୍ଲିକ ହେଲ୍‌ଥ, ଇଲେକ୍ଟ୍ରି ସପ୍ଲାଇ, ୱାଟର ସପ୍ଲାଇ,ଡ୍ରେନେଜ ଆଣ୍ଡ ଏନ୍‌ଭିରନମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

19/9/16

ନିର୍ଦ୍ଧାରଣ-୪(୩). ଗତ ତା 23.08.2016 ରିଖ ଓ ତା 16.09.2016 ରିଖ ପବ୍ଲିକ ଓ୍ୱାର୍କସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୪). ଗତ ତା 17.08.2016 ରିଖ ଓ ତା 14.09.2016 ରିଖ ପ୍ଲାନିଂ ଆଣ୍ଡ ଡେଭଲପମେଣ୍ଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୫). ଗତ ତା 17.08.2016 ରିଖ ଓ ତା 14.09.2016 ରିଖ ଏଜୁ୍ୟକେଶନ, ରିକ୍ରିଏସନ ଆଣ୍ଡ କଲଚର ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୬). ଗତ ତା 20.08.2016 ରିଖ ଓ ତା 17.09.2016 ରିଖ ଲାଇସେନ୍ସ ଆଣ୍ଡ ଆପିଲସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୭). ଗତ ତା 17.09.2016 ରିଖ କଣ୍ଟ୍ରାକ୍ଟସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଯାଇ ସର୍ବସମ୍ମତି କ୍ରମେ ଗ୍ରହଣ/ଅନୁମୋଦନ କରାଗଲା ।

ନିର୍ଦ୍ଧାରଣ-୪(୮). ଗତ ତା 19.08.2016 ରିଖ ଓ ତା 15.09.2016 ରିଖ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୯). ଗତ ତା 22.08.2016 ରିଖ ଓ ତା 16.09.2016 ରିଖ ଗ୍ରୀଭାନସେସ୍ ଆଣ୍ଡ ସୋସିଆଲ୍ ଜଷ୍ଟିସ୍ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ନିର୍ଦ୍ଧାରଣ-୪(୧୦). ଗତ ତା 20.08.2016 ରିଖ ଓ ତା 17.09.2016 ରିଖ ସ୍ଲମ ସେଟଲମେଂଟ ଅତିରିକ୍ତ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ ପଠନ କରାଗଲା ।

ପ୍ରକାଶ ଥାଉକି ଉପର ବର୍ଣ୍ଣିତ ଷ୍ଟାଣ୍ଡିଂ କମିଟି ମାନଙ୍କ ଦ୍ୱାରା ସୁପାରିଶ କରାଯାଇଥିବା ନିର୍ଦ୍ଧାରଣ ଗୁଡିକ ସଂପୃକ୍ତ ନଥିରେ ମାନ୍ୟବର ମେୟରଙ୍କ ନିକଟରେ ଉପସ୍ଥାପନ କରାଯିବା ପରେ ଓଡିଶା ମ୍ୟୁନିସପାଲ କର୍ପୋରେସନ ରୁଲ-2004 ର ନିୟମ - 03, 04, 05, 06, 07, 08, 10 ଓ 11 ଅନୁଯାୟୀ ତହିଁ ଉପରେ ମେୟରଙ୍କ ଆଦେଶ ମତେ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

ପ୍ରସ୍ତାବ-୫. ଭୁବନେଶ୍ୱର ମହାନଗର ନିଗମର ଜୁଲାଇ ଓ ଅଗଷ୍ଟ-୨୦୧୬ ମାସର ଆୟ ବ୍ୟୟ ହିସାବ ଫର୍ଦ୍ଦ ଉପସ୍ଥାପନ :-

ନିର୍ଦ୍ଧାରଣ-୫. ଉପସ୍ଥାପନ କରାଗଲା । ଏହା ଉପରେ ଅଡିଟ୍ ମତାମତ / ମନ୍ତବ୍ୟ ଅନୁଯାୟୀ ପରବର୍ତ୍ତୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସ୍ଥିର ହେଲା । "(Expenditure Statement is passed subject to audit)"

ପ୍ରସ୍ତାବ -୬. <u>ଭୁବନେଶ୍ୱର ମହାନଗର ନିଗମର କର୍ପୋରେଟର ମାନଙ୍କ ଠାରୁ ମିଳିଥିବା ପ୍ରସ୍ତାବ:-</u> (ତା ୧୯.୦୯.୨୦୧୬ ରିଖ)

<u>ଶ୍ରୀ ଅଶ୍ୱିନୀ କୁମାର ସୁନ୍ଦରାୟ, ଓ୍ୱାର୍ଡ ନଂ-୪୯</u>

ପ୍ରସ୍ତାବ -୬(୧). ଓ୍ୱାର୍ଡ ନଂ-୪୯ଅନ୍ତର୍ଗତ ବରମୁଣ୍ଡା ରୁଚିକା ବଜାରରେ କିଣାବିକା ପାଇଁ ହଜାର ହଜାର ଜନସାଧାରଣ ନିର୍ଭର କରିଥାଆନ୍ତି ! କିନ୍ତୁ ଦୁର୍ଭାଗ୍ୟ ବଶତଃ ସେଠାରେ ଆଜି ପର୍ଯ୍ୟନ୍ତ ଜନସାଧାରଣଙ୍କ ପାଇଁ କୌଣସି ଶୌଚ୍ଚାଳୟ ନାହିଁ । ସେଠାରେ ଶୌଚ୍ଚାଳୟ ତିଆରି କରିବା ପାଇଁ ବି.ଏମ୍.ସି. ତରଫରୁ ପ୍ରତିନିଧିମାନେ ଜାଗା ଚିହ୍ନଟ କରିବା ପାଇଁ ଯାଇଥିଲେ । କିନ୍ତୁ ସେହି ଜାଗାଟି R.O.R. ରେ ଜଙ୍ଗଲ କିସମ ହୋଇଥିବାରୁ ତାହା ବି.ଏମ୍.ସି. କର୍ତ୍ତୃପକ୍ଷ ନାକଚ କରି ଦେଇଥିଲେ । କିନ୍ତୁ ସେହି ଅଂଚଳଟି ଜଙ୍ଗଲ କିସମ ହୋଇଥିବା ସତ୍ୱେ କେନ୍ଦ୍ର ସରକାରଙ୍କ ତରଫରୁ ଏକ ଡାକଘର ତିଆରି ଚାଲିଛି ଏକ ପେଟ୍ରୋଲ ପମ୍ପ ମଧ୍ୟ ଚାଲୁଅଛି । ରୁଚିକା ବଜାରଟି ମଧ୍ୟ ସେହି ଜଙ୍ଗଲ କିସମ ଜାଗାରେ ସ୍ଥାପିତ ହୋଇଅଛି । ଯଦି ସେଠାରେ ଶୌଚ୍ଚାଳୟ ପାଇଁ ଉଚିତ୍ ପଦକ୍ଷେପ ନିଆଯାଏ, ରୁଚିକା ବଜାରକୁ ନିର୍ଭର କରୁଥିବା ଜନସାଧାରଣ ଓ ବ୍ୟବସାୟୀ ଭାଇମାନେ ଉପକୃତ ହୋଇପାରିବେ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି ।

ନିର୍ଦ୍ଧାରଣ-୬(୧). ପ୍ରସ୍ତାବ ବର୍ଣ୍ଣିତ ସ୍ଥାନରେ ଏକ ହାଇବ୍ରିଡ୍ ଶୌଚ୍ଚାଳୟ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୬(୨). ଭୁବନେଶ୍ୱର ମହାନଗର ନିଗମ ଅନ୍ତର୍ଗତ ଫୁଲେଶ୍ୱରୀ ବସ୍ତିଟି ୱାର୍ଡ ନଂ-୪୯ରେ ଅନ୍ତର୍ଭୁକ୍ତ କରାଯାଇଅଛି । ସେଠାରେ ବସବାସ କରୁଥିବା ଲୋକମାନେ ପୂର୍ବରୁ ପାତ୍ରପଡା ପଂଚାୟତ ଅନ୍ତର୍ଭୁକ୍ତ ଥିଲେ । ପଂଚାୟତ କାର୍ଯ୍ୟାଳୟରୁ ରାସନ ସାମଗ୍ରୀ ସୁବିଧା ଆଣିବା ପାଇଁ ବ୍ୟବସ୍ଥା କରାଯାଇଥିଲା ଏବଂ ବର୍ତ୍ତମାନ ମଧ ବ୍ୟବସ୍ଥା ଅଛି । ଯେହେତୁ ଏହି ବସ୍ତିଟି ବି.ଏମ୍.ସି. ପରିସରଭୁକ୍ତ ହେଲା, ସେଥିପାଇଁ ସେମାନଙ୍କୁ ଫୁଲେଶ୍ୱରୀ ବସ୍ତିରେ ରାସନ ଯୋଗାଣ ପାଇଁ ବ୍ୟବସ୍ଥା କଲେ, ସେହି ବସ୍ତିର ପ୍ରାୟ ୨ ହଜାରରୁ ଅଧିକ ଲୋକ ଉପକୃତ ହୋଇପାରନ୍ତେ । ଏହା ଉପରେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି ।

ନିର୍ଦ୍ଧାରଣ-୬(୨). ଏ ପ୍ରସ୍ତାବ ଉପରେ ଆବଶ୍ୟକ ପଦକ୍ଷେପ ନେବାପାଇଁ ସହକାରୀ ଯୋଗାଣ ଅଧିକାରୀଙ୍କୁ ଅନୁରୋଧ କରିବା ନିମନ୍ତେ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

<u>ଶ୍ରୀ ହରେକୃଷ୍ଣ ନାୟକ, ୱାର୍ଡ଼ ନଂ-୨୨</u>

ପ୍ରସ୍ତାବ -୬(୩). ମେୟର ମହୋଦୟ ଗୃହକୁ ଜଣାଉଅଛି କି, ଭରତପୁରସ୍ଥିତ କ୍ଲଷ୍ଟର ନଂ-୫, ଉଠା ଜଳସେଚନ ପ୍ରକଳ୍ପଟି ଦୀର୍ଘଦିନ ହେଲା ଖରାପ ହୋଇ ପଡ଼ି ରହିଅଛି ଏବଂ କ୍ଲଷ୍ଟର ନଂ-୫ ଗୃହ ନିର୍ମାଣ ଚାଲିଅଛି । ଯେହେତୁ କ୍ଲଷ୍ଟର ଗୃହର ସମ୍ମୁଖରେ ଷ୍ଟୋରେଜ ଟାଙ୍କି ଆବଶ୍ୟକତା ଜରୁରୀ, ସେଠାରୁ ଜଳ ପ୍ରକଳ୍ପଟି ସେହି ଯାଗାରୁ ଉଠାଯିବା ନିମନ୍ତେ କର୍ପୋରେସନରେ ଆଲୋଚନା ଓ ନିଷ୍ପତି :-

ନିର୍ଦ୍ଧାରଣ-୬(୩). ଏ ପ୍ରସ୍ତାବ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୭. ତା ୧୯.୦୯.୨୦୧୬ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :-

ପ୍ରସ୍ତାବ-୭(୧). ଭୁବନେଶ୍ୱର ମହାନଗର ନିଗମ ଅଧିନରେ ସ୍ୱର୍ଗତ କାମଦେବ ପାଲ ଜଣେ ନିୟମିତ ଟିକସ ଅସୁଲକାରୀ ଭାବେ କାର୍ଯ୍ୟ କରୁଥିଲେ । ସେ ଚାକିରୀରେ ଥିବା ସମୟରେ ଗତ ତା ୨୦.୧୨.୨୦୧୧ ରିଖରେ ମୃତ୍ୟୁବରଣ କରିଥିବାରୁ ତାଙ୍କର ପୁତ୍ର ଶ୍ରୀ କେଦାର ଚନ୍ଦ୍ର ପାଲ ମହାନଗର ନିଗମରେ ପୁନଃ ଥଇଥାନ ଯୋଜନାରେ ଚାକିରୀ ନିମନ୍ତେ ଆବେଦନ କରିଛନ୍ତି । ବର୍ତ୍ତମାନ ନିଗମରେ ଚାରିଗୋଟି ଟିକସ ଅସୁଲକାରୀ ପଦବୀ ଖାଲିଅଛି । ନଥି ନଂ-XXIII-(Gen-misc)-95/2015 ଟିପ୍ପଣୀ ପୃଷ୍ଠା-୪ ଠାରୁ ୬ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀ କେଦାର ଚନ୍ଦ୍ର ପାଲଙ୍କୁ ପୁନଃ ଥଇଥାନ ଯୋଜନାରେ ଟିକସ ଅସୁଲକାରୀ ପଦବୀରେ ନିଯୁକ୍ତି ଦେବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ସୁପାରିଶ କରିବା ସମ୍ପର୍କରେ କର୍ପୋରେସନ ଏଷ୍ଟାବ୍ଲିସମେଂଟ ଷ୍ଟାଣ୍ଡିଂ କମିଟି ନିର୍ଦ୍ଧାରଣ ସଂଖ୍ୟା-୩ ତା ୨୦.୦୭.୨୦୧୬ ରିଖରେ ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦ୍ ଅନୁଯାୟୀ ମେୟରଙ୍କ ଆଦେଶମତେ ଉପରୋକ୍ତ ବିଷୟରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୧). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୨). ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ପରିସରରେ ବିଶ୍ୱକର୍ମା ପୂଜା ପାଳନ ପାଇଁ ଟ.୨,୦୦,୦୦୦/-ଙ୍କା (ଦୁଇ ଲକ୍ଷ ଟଙ୍କା) ମାତ୍ର ଅନୁଦାନ ମଞ୍ଜୁର କରିବା ନିମନ୍ତେ ମୋଟର ଭେଇକ୍ଲି ଏମ୍ପ୍ଲୋଇଜ୍ ୟୁନିଅନର ସାଧାରଣ ସମ୍ପାଦକ ଅନୁରୋଧ କରିଛନ୍ତି । ନଥି ନଂ XXXXII-GIA- 5/2015 ବିଚାର୍ଯ୍ୟ ପୃଷ୍ଠା ୧୧୯ ରୁ ୧୨୬ ମଧ୍ୟରେ ଗତ ବର୍ଷ ପୂଜା ପାଇଁ ନେଇଥିବା ଟ.୧,୦୦,୦୦୦/- (ଏକ ଲକ୍ଷ ଟଙ୍କା) ମାତ୍ରର ବିନିଯୋଗ ପ୍ରମାଣପତ୍ର ସାଧାରଣ ସମ୍ପାଦକ ଦାଖଲ କରିଛନ୍ତି । ବର୍ତ୍ତମାନ ଚଳିତ ବର୍ଷ-୨୦୧୬ର ପୂଜା ଆୟୋଜନ ନିମନ୍ତେ ଟିପ୍ପଣୀ ପୃଷ୍ଠା ୭୯ ରୁ ୮୦ ସୁପାରିଶକୁ ଭିତି କରି ଟ. ୧,୦୦,୦୦୦/-(ଏକ ଲକ୍ଷ ଟଙ୍କା) ମାତ୍ର ମଞ୍ଜୁର କରିବା ନିମନ୍ତେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୨). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୭(୩). ପ୍ରତିବର୍ଷ ପରି ଚଳିତ ବର୍ଷ ନିଖିଳ ଭାରତ ସ୍ୱାୟତ ଶାସନ ଦିବସ ତା ୩୧.୦୮.୨୦୧୬ ରିଖ ପାଳନ ଅବସରରେ ଭୁବନେଶ୍ୱର ମହାନଗର ନିଗମ କର୍ମଚାରୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ (ଡ୍ରାମା) ପରିବେଷଣ ସହିତ ଚଳିତ ବର୍ଷ ନିଗମର ସମସ୍ତ କର୍ମଚାରୀ, ଅଧିକାରୀ, କର୍ପୋରେଟର, ଡ଼େପୁଟି ମେୟର ଓ ମେୟରଙ୍କ ମଧ୍ୟରେ ଖେଳ ପ୍ରତିଯୋଗୀତା ଆୟୋଜନର କାର୍ଯ୍ୟକ୍ରମ ନିମନ୍ତେ ଟ. ୩,୫୦,୦୦୦/- (ତିନି ଲକ୍ଷ ପଚାଶ ହଜାର) ମାତ୍ର ଅନୁଦାନ ମଞ୍ଜୁର କରିବା ପାଇଁ ଭୁବନେଶ୍ୱର ମହାନଗର ନିଗମ

୧୨|୧୨|୧୬

ରିକ୍ରେସନ କ୍ଲବ୍‌ର ସାଧାରଣ ସମ୍ପାଦକ ନିବେଦନ କରିଛନ୍ତି । ନଥି ନଂ XXXX II-GIA(Gen)-59/2016 ଟିପ୍ପଣୀ ପୃଷ୍ଠା ୮୩ ରୁ ୮୬ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ ସୁପାରିଶକୁ ଭିତିକରି ଟ. ୩,୦୦,୦୦୦/- (ତିନି ଲକ୍ଷ) ମାତ୍ର ମଞ୍ଜୁର କରିବା ନିମନ୍ତେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୩). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ -୭(୪). ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟରେ ନିଗମ କଣ୍ଟ୍ରାକ୍ଟସ ଷ୍ଟାଣ୍ଡିଂ କମିଟି ରିଜୋଲ୍ୟୁସନ ନଂ-୧୪ ତା ୩୦.୦୫.୨୦୧୩ ରିଖ ଅନୁଯାୟୀ ୧୬ ଜଣ ନିରାପତା ରକ୍ଷୀ ଯୋଗାଇଦେବା ନିମନ୍ତେ Om Security & Service ଙ୍କ ସହିତ ଚୁକ୍ତିପତ୍ର ସ୍ୱାକ୍ଷର ହୋଇଥିଲା । ସେଥି ମଧ୍ୟରୁ ୧୨ ଜଣ ନିରାପତାରକ୍ଷୀଙ୍କର ବିଲ୍ ପ୍ରଦାନ କରାଯାଇଅଛି । ଆଉ ଜଣେ ନିରାପତାରକ୍ଷୀଙ୍କର ପ୍ରାପ୍ୟ ଦିଆଯାଇନଥିବାରୁ ଏହାର ପ୍ରାପ୍ୟ ନିମନ୍ତେ Om Security & Services ବାରମ୍ବାର ନିବେଦନ କରିଆସୁଛନ୍ତି । ଉକ୍ତ ନିରାପତାରକ୍ଷୀଙ୍କର କାର୍ଯ୍ୟକାରିତା ପ୍ରମାଣପତ୍ର (Work Certificate) ବିଚାର୍ଯ୍ୟ ପୃଷ୍ଠା ୫୪୨ ଏବଂ ୫୩୯ ପ୍ରଦାନ କରାଯାଇଅଛି । ନଥି ନଂ- XXIII-(Gen-misc)-19/2016 ଟିପ୍ପଣୀ ପୃଷ୍ଠା-୧୨୩ ରୁ ୧୩୩ ସୁପାରିଶକୁ ଭିତିକରି ନିରାପତାରକ୍ଷୀଙ୍କ ପ୍ରାପ୍ୟ ମାସିକ ଟ.୫,୩୫୦/- ହାରରେ ମୋଟ ୨୦ ମାସର ବକେୟା ପ୍ରାପ୍ୟ ଟ.୧,୦୭,୦୦୦/- (ଏକ ଲକ୍ଷ ସାତ ହଜାର ଟଙ୍କା) ମାତ୍ର ପ୍ରଦାନ କରିବା ନିମନ୍ତେ ଟ୍ୟାକ୍‌ସେସନ୍, ଫାଇନାନ୍‌ସ ଆଣ୍ଡ୍ ଆକାଉଣ୍ଟସ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୨ ତା ୧୮.୦୭.୨୦୧୬ ରିଖରେ ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ । ତଦ୍ ଅନୁଯାୟୀ ମେୟରଙ୍କ ଆଦେଶମତେ ଉପରୋକ୍ତ ବିଷୟରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୭(୪). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୮. ତା ୧୯.୦୯.୨୦୧୬ ରିଖ କର୍ପୋରେସନ ବୈଠକରେ ନିମ୍ନଲିଖିତ ପ୍ରସ୍ତାବ ଗୁଡିକ ଉପରେ ଆଲୋଚନା ଓ ନିଷ୍ପତି ନିମନ୍ତେ :- (ସଭାପତିଙ୍କ ଅନୁମତି କ୍ରମେ)

ପ୍ରସ୍ତାବ-୮(୧). Supdt. of Police, Vigilance, BBSR. Letter No.-4633 ତା ୩୧.୦୫.୨୦୧୬ ରିଖ ଏବଂ BDA Letter No.-9125 ତା ୧୧.୦୪.୨୦୧୬ ରିଖ ଅନୁସାରେ S.P, Vigilance, Bhubaneswar ଙ୍କ ଅଧିନରେ ଚନ୍ଦ୍ରଶେଖରପୁର ଠାରେ (S+4) Storied Residential Building (staff qtrs) ନିର୍ମାଣ ପାଇଁ ପ୍ଲାନ୍ ଅନୁମୋଦନ ନିମନ୍ତେ BMC ରୁ NOC ପାଇଁ ଆବେଦନ କରିଥିଲେ । ତଦନୁସାରେ BMC Letter No.-12355 ତା ୧୯.୦୭.୨୦୧୬ ରିଖରେ ପ୍ରସ୍ତାବିତ ପ୍ରକଳ୍ପ ନିମନ୍ତେ Rs.20,83,254/- @ % of the project cost ଓ Rs.38,605/- users fees ଦାଖଲ କରିବାକୁ S.P.Vigilance, BBSR.ଙ୍କୁ ଅନୁରୋଧ କରାଯାଇଥିଲା । ତଦ୍ ଅନୁଯାୟୀ S.P.Vigilance, BBSR. Letter No.-7169 ତା ୨୦.୦୭.୨୦୧୬ ରିଖରେ ଉପରୋକ୍ତ charges ଗୁଡ଼ିକୁ ଛାଡ଼ କରିବା ସହିତ NOC ପ୍ରଦାନ ନିମନ୍ତେ ଅନୁରୋଧ କରିଅଛନ୍ତି । ସେ ଦର୍ଶାଇଛନ୍ତି ଯେ ପ୍ରସ୍ତାବିତ ପ୍ରକଳ୍ପଟି ରାଜ୍ୟ ସରକାରଙ୍କର ଓ ସେଥିପାଇଁ G.A. Deptt. ମଧ ବିନା ମୂଲ୍ୟରେ ଜମି ଯୋଗାଇ ଦେଇଛନ୍ତି । ପ୍ରକାଶ ଥାଉକି, ରାଜ୍ୟ ସରକାରଙ୍କ ଏ ପ୍ରକାର ପ୍ରକଳ୍ପ ପାଇଁ BMC ରୁ NOC ଆବଶ୍ୟକ ପଡୁଥିବା matter ପ୍ରାୟତଃ ପ୍ରଥମ ଅଟେ ଓ ଏ ସଂକ୍ରାନ୍ତରେ charges ଦାବି କରିବା କିମ୍ବା ଛାଡ଼ କରିବାର ପୁରୁଣା ନଜିର୍ ବି.ଏମ୍.ସି. ରେ ନାହିଁ । S.P.Vigilance, BBSR. charges exemption ପାଇଁ କରିଥିବା ଅନୁରୋଧ ଉପରେ ବିଚାର କରାଯାଇ ଯେହେତୁ ଏହା ରାଜ୍ୟ ସରକାରଙ୍କ ଗୃହ ତେଣୁ ତାଙ୍କ ଠାରୁ ବିଲ୍ଡିଂ ମୂଲ୍ୟର ୧ % ଏବଂ Users Fees ଛାଡ଼ କରାଯାଇ କାର୍ଯ୍ୟାଳୟ ପତ୍ର ସଂଖ୍ୟା-୧୫୦୯୮ ତା ୧୪.୦୯.୨୦୧୬ ରିଖରେ କର୍ପୋରେସନଙ୍କ ଅନୁମୋଦନ ପ୍ରତ୍ୟାଶାରେ NOC ଦିଆଯାଇଅଛି । ଏହାର କାର୍ଯ୍ୟୋତର ଅନୁମୋଦନ ସମ୍ପର୍କରେ କର୍ପୋରେସନଙ୍କ ବିଚାର :- ନଥି ନଂ- XII-25/2016 ଟିପ୍ପଣୀ ପୃଷ୍ଠା-୧ ରୁ ୯ ଦ୍ରଷ୍ଟବ୍ୟ ।

ନିର୍ଦ୍ଧାରଣ-୮(୧). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ପ୍ରସ୍ତାବ-୮(୨). ଶ୍ରୀମତୀ ପନ୍ଦାରୀ ନାଏକ, ନିୟମିତ ସଫେଇ କର୍ମଚାରୀ, ପରିଚୟ ପତ୍ର ସଂଖ୍ୟା-୬୫୨ ଅଟେ । ସେ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୧୧୧/୦୨.୦୧.୧୯୯୦ ରିଖରେ ସ୍ଥାୟୀ ଚାକିରୀରେ ନିଯୁକ୍ତି ପାଇଥିଲେ । ଚାକିରୀରେ ତାଙ୍କର ଯୋଗଦାନ ତା ୦୬.୦୧.୧୯୯୦ ରିଖରେ କାର୍ଯ୍ୟାଳୟ ଆଦେଶ ସଂଖ୍ୟା-୯୬୫୧/୨୭.୦୮.୧୯୯୦ ରିଖରେ ଗ୍ରହଣ କରାଯାଇଅଛି । ତାଙ୍କର ଜନ୍ମ ତା ୦୭.୦୧.୧୯୫୫ ରିଖ ବୋଲି ସେବା ପୁସ୍ତିକାରେ ଉଲ୍ଲେଖ ଅଛି । ତଦ୍ ଅନୁଯାୟୀ ଶ୍ରୀମତୀ ନାଏକ ୩୪ ବର୍ଷ

୧୧ ମାସ ଓ ୨୯ ଦିନ ବୟସରେ ଚାକିରୀରେ ଯୋଗଦାନ କରିଛନ୍ତି (୦୬.୦୧.୯୦-୦୭.୦୧.୫୫)। ତାଙ୍କ ଯୋଗଦାନ ସମୟରେ ତଫସିଲଭୁକ୍ତ ଜାତିଙ୍କ କ୍ଷେତ୍ରରେ ସରକାରଙ୍କର ନିଯୁକ୍ତି ବୟସସୀମା ୩୨ ବର୍ଷ ଥିବା ସ୍ଥଳେ ଶ୍ରୀମତୀ ନାଏକ ୩୪ ବର୍ଷ ୧୧ ମାସ ୨୯ ଦିନରେ ଚାକିରୀ କରିଥିବାରୁ ସେ ୨ ବର୍ଷ ୧୧ ମାସ ୨୯ ଦିନ ଅଧିକ ବୟସ ଥାଇ ଚାକିରୀରେ ଯୋଗଦାନ କରିଛନ୍ତି। ବର୍ତ୍ତମାନ ଶ୍ରୀମତୀ ନାଏକ ଗତ ତା ୩୧.୦୧.୨୦୧୫ ରିଖ ଦିନ ଚାକିରୀରୁ ଅବସର ଗ୍ରହଣ କରିଛନ୍ତି। ନଥି ନଂ- VII-652/2016 ଟିପ୍ପଣୀ ପୃଷ୍ଠା- ୬୬ ରୁ ୬୮ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଶ୍ରୀମତୀ ନାଏକଙ୍କ ୨ ବର୍ଷ ୧୧ ମାସ ୨୯ ଦିନ ଅଧିକ ବୟସରେ ନିଯୁକ୍ତିକୁ କୋହଳ (Condónation) କରିବା ନିମନ୍ତେ କର୍ପୋରେସନ ଏଷ୍ଟାବ୍ଲିସ୍‌ମେଂଟ ଷ୍ଟାଣ୍ଡିଂ କମିଟି ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୧ ତା ୨୦.୦୭.୨୦୧୬ ରିଖରେ ଏ ପ୍ରସ୍ତାବ ଅନୁମୋଦନ କରିବା ପାଇଁ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରିଥିଲେ। ତଦ୍ ଅନୁଯାୟୀ ମେୟରଙ୍କ ଆଦେଶ ମତେ ଉପରୋକ୍ତ ବିଷୟରେ କର୍ପୋରେସନଙ୍କ ବିଚାର :-

ନିର୍ଦ୍ଧାରଣ-୮(୨). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା।

ପ୍ରସ୍ତାବ-୮(୩). ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ସୁଲଭ ଇଣ୍ଟର୍ ନ୍ୟାସ୍‌ନାଲ୍ ସୋସିଆଲ ଅର୍ଗାନାଇଜେସନ୍ ଦ୍ୱାରା ପରିଶିଷ୍ଟ-"କ" ରେ ସଂଲଗ୍ନ ଥିବା ୧୩ ଗୋଟି ସ୍ଥାନରେ ହାଇବ୍ରିଡ୍ ଶୌଚାଳୟ ନିର୍ମାଣ ନିମନ୍ତେ କର୍ପୋରେସନଙ୍କ ବିଚାର :-
ନଥି ନଂ- XXXXX II-SBAC-157/2016 ଟିପ୍ପଣୀ ପୃଷ୍ଠା-୧ ରୁ ୨ ଦ୍ରଷ୍ଟବ୍ୟ।

ନିର୍ଦ୍ଧାରଣ-୮(୩). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା।

ପ୍ରସ୍ତାବ-୮(୪). ଗତ ତା ୩୧.୦୮.୨୦୧୬ ରିଖରେ ପାଳିତ ସ୍ୱାୟତ୍ତ ଶାସନ ଦିବସରେ ମଇଁସିଆଖାଲ ଓ ପଥରବନ୍ଧ ବସ୍ତିର ଯଥାକ୍ରମେ ୦୬ ଓ ୬୬ ଜଣ ବସ୍ତିବାସିନ୍ଦାଙ୍କୁ Provisional allotment order ବଂଟନ କରାଯାଇଥିଲା।

ଭୁବନେଶ୍ୱର ମହାନଗର ନିଗମ ଅଂଚଳରେ ବସ୍ତିବାସିନ୍ଦାଙ୍କ ଥଇଥାନ ନିମନ୍ତେ ବିଭିନ୍ନ ଯୋଜନାରେ ନିର୍ମାଣ କରାଯାଉଥିବା ଗୃହ ଗୁଡ଼ିକ ଯୋଗ୍ୟ ହିତାଧିକାରୀଙ୍କ ମଧ୍ୟରେ ବଂଟନ ପାଇଁ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ପ୍ରଚଳିତ ନିୟମ ଅବଲମ୍ବନ କରିବା ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ- XXXXVI-RAY-91/2015 ଟିପ୍ପଣୀ ପୃଷ୍ଠା-୧୬ ରୁ ୧୮ ଦ୍ରଷ୍ଟବ୍ୟ।

ନିର୍ଦ୍ଧାରଣ-୮(୪). ଏହା ଉପରେ ରାଜ୍ୟ ସରକାରଙ୍କ ସହିତ ଆଲୋଚନା କରାଯାଇ ନିଷ୍ପତ୍ତି ନିଆଯିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା।

ପ୍ରସ୍ତାବ-୮(୫). ଭୁବନେଶ୍ୱର ମହାନଗର ନିଗମାଂଚଳର ରାସ୍ତା ଆଲୋକ ଗୁଡ଼ିକୁ LED ଲାଇଟ୍‌ରେ ଆବୃତ କରାଯିବା ନିମନ୍ତେ PPP mode ରେ ଦାୟିତ୍ୱ ନେଇଥିବା M/S Super Wealth (ESCO) ସଂସ୍ଥା ଅଦ୍ୟାବଧି ପ୍ରଥମ ପର୍ଯ୍ୟାୟରେ ୧୯,୮୭୩ ଗୋଟି ଲାଇଟ୍ ସଂସ୍ଥାପନ କରିସାରିବା ପରେ ମହାନଗର ନିଗମ ଏହି ସଂସ୍ଥାର କାର୍ଯ୍ୟକୁ ଗତ ତା ୨୯.୦୨.୨୦୧୬ ରିଖ ଦିନ ସାଧାରଣ ବୈଠକ ନିର୍ଦ୍ଧାରଣ ସଂଖ୍ୟା-୮(୮) ତା ୨୯.୦୨.୨୦୧୬ ରିଖ ମୁତାବକ ପୁନଃ ସଂପ୍ରସାରଣ କରିଛନ୍ତି।

ମହାନଗର ନିଗମ ଉକ୍ତ ESCO ସଂସ୍ଥାକୁ ESCROW (TRA) Account ମାଧ୍ୟମରେ ପ୍ରତି ମାସରେ ଦୁଇ ପ୍ରକାରେ ଯଥା-୧-ଶକ୍ତି ସଂରକ୍ଷିତ ଅଂଶର ଭାଗ ପରିମାଣ ୨-ଉକ୍ତ LED ଲାଇଟ୍ ଗୁଡ଼ିକର ପରିଚାଳନା ଓ ମରାମତି ବାବଦକୁ ଦେୟ ପଇଠ କରାଯାଇଥାଏ ଓ ଏଥିପାଇଁ IFC କର୍ତ୍ତୃପକ୍ଷ ଲଗାଯାଇଥିବା LED ଲାଇଟ୍ ଗୁଡ଼ିକର ପ୍ରତି ମାସର ବ୍ୟବହୃତ ବିଦ୍ୟୁତ୍ ଶକ୍ତିର ପରିମାଣ ଓ ପୂର୍ବରୁ ଲଗାଯାଇଥିବା SV light/TL light ଗୁଡ଼ିକ ପାଇଁ ବ୍ୟବହୃତ ହେଉଥିବା ବିଦ୍ୟୁତ୍ ଶକ୍ତିର ପରିମାଣର ଏକ ତୁଳନାତ୍ମକ ବିବରଣୀ ପଇଠ କରିଥାନ୍ତି। ପ୍ରଥମ ପର୍ଯ୍ୟାୟର କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇଯାଇଛି ଓ ଏଥିର ସଂସ୍ଥାପନ କରାଯାଇଥିବା ୧୯,୮୭୩ ଗୋଟି LED ଲାଇଟ୍ ପାଇଁ ପ୍ରତି ତ୍ରୟ ମାସିକ ବ୍ୟୟର ଅନୁମାନିକ ଅଟକଳ ପ୍ରାୟ ୨.୪୫ କୋଟି ଟଙ୍କାର ଜମା ESCROW Account ରେ ରଖାଯାଉଛି, ଯେଉଁଥିପାଇଁ BMC ଉକ୍ତ ଅର୍ଥର ବ୍ୟାଙ୍କ ସୁଧରୁ ବଂଚିତ ହେଉଛି। ସେଥିପାଇଁ BMC ESCO ନାମରେ ୩ (ତିନି) କୋଟି ଟଙ୍କାର ବ୍ୟାଙ୍କ ପ୍ରତିଭୂତି ରଖି ଉକ୍ତ ଅର୍ଥରୁ ESCO ସଂସ୍ଥାକୁ ପ୍ରତି ମାସରେ ତାହାର invoice ମାଧ୍ୟମରେ ପଇଠ କରିବା ପାଇଁ ପ୍ରସ୍ତାବ ଦିଆଗଲା। ଯାହାଦ୍ୱାରା BMC ଉକ୍ତ ୩ କୋଟି ଅର୍ଥର ସୁଧ ବାବଦର ଲାଭାଂଶ ପ୍ରାପ୍ତି ହେବା ନିମନ୍ତେ କର୍ପୋରେସନଙ୍କ ବିଚାର :- ନଥି ନଂ- XXVII-55/2014 ଟିପ୍ପଣୀ ପୃଷ୍ଠା-୩୦ ରୁ ୩୨ ଦ୍ରଷ୍ଟବ୍ୟ।

ନିର୍ଦ୍ଧାରଣ-୮(୫). ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତ୍ତି ହେଲା।

୧୨/୨/୧୬

ପ୍ରସ୍ତାବ-୮(୬). ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାରର କୁଳପତି ତାଙ୍କ ପତ୍ର ସଂଖ୍ୟା-୪୨ ତା ୨୨.୦୩.୨୦୧୬ ରିଖରେ ନିଗମକୁ ଜଣାଇଛନ୍ତି ଯେ, ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ଧାର୍ଯ୍ୟ ହୋଇଥିବା ଗୃହ ଟିକସ ଓ ଅନ୍ୟାନ୍ୟ ଟିକସ ଦେବାପାଇଁ ପଦକ୍ଷେପ ନେଉଥିବାରୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ସଫେଇ, ରାସ୍ତାଲୋକ, ରାସ୍ତା ରକ୍ଷଣାବେକ୍ଷଣ ଆଦି ମୌଳିକ ସେବା ଯୋଗାଇବା ପାଇଁ ଅନୁରୋଧ କରିଛନ୍ତି । ନଥି ନଂ- ZDC(N)-28/2016 ଟିପ୍ପଣୀ ପୃଷ୍ଠା-୧ ରୁ ୪ ମଧ୍ୟରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରୁ ବାର୍ଷିକ ଗୃହ ଟିକସ ଟ.୫,୦୦,୦୦୦/-(ପାଂଚ ଲକ୍ଷ ଟଙ୍କା)ମାତ୍ର ଆଦାୟ ହେଉଅଛି । ଉକ୍ତ ଅଂଚଳରେ ଥିବା ରାସ୍ତାଲୋକ ଭୁବନେଶ୍ୱର ମହାନଗର ନିଗମ ଆଣିଲେ ବୈଦ୍ୟୁତିକ ବିଲ୍ ବାର୍ଷିକ ଟ.୨୨,୩୧,୭୧୨/- ଦେବାକୁ ପଡ଼ିବ । ତେଣୁ ଉତ୍କଳ ବିଶ୍ୱବିଦ୍ୟାଳୟ ପରିସରରେ ଥିବା ରାସ୍ତାଲୋକ ବୈଦ୍ୟୁତିକ ବିଲ୍ CESO କୁ ପୈଠ କରାନଯାଇ କେବଳ ରାସ୍ତାଲୋକର ରକ୍ଷଣାବେକ୍ଷଣ କାର୍ଯ୍ୟ କରାଯିବା ସମ୍ପର୍କରେ କର୍ପୋରେସନ ତାଙ୍କ ନିର୍ଦ୍ଧାରଣ ସଂଖ୍ୟା-୮(୪) ତା ୨୮.୦୭.୨୦୧୬ ରିଖରେ ଏ ପ୍ରସ୍ତାବ ଆଇନ୍ ଅନୁଯାୟୀ କାର୍ଯ୍ୟକାରୀ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହୋଇଥିଲା । ଉପରୋକ୍ତ ନଥିର ଟିପ୍ପଣୀ ପୃଷ୍ଠା-୮ ରେ ବର୍ଣ୍ଣିତ ତଥ୍ୟ ଓ କାର୍ଯ୍ୟାଳୟ ସୁପାରିଶ ଅନୁଯାୟୀ ଉକ୍ତ ଅଂଚଳର ରାସ୍ତାଲୋକର ରକ୍ଷଣାବେକ୍ଷଣ କାର୍ଯ୍ୟ କରିବା ପାଇଁ କର୍ପୋରେସନଙ୍କ ବିଚ୍ଚର :-

ନିର୍ଦ୍ଧାରଣ-୮(୬). ବାଣୀବିହାର ପରିସରରେ ଥିବା ରାସ୍ତାଲୋକକୁ LED light ବ୍ୟବସ୍ଥା କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ନିର୍ଦ୍ଧାରଣ-୮(୭). ସଭାପତିଙ୍କ ଅନୁମତି କ୍ରମେ କର୍ପୋରେଟର ସେଖ୍ ନିଜାମଉଦ୍ଦିନ୍ କହିଥିଲେ ଯେ, ଆଗକୁ ଦୁର୍ଗାପୂଜା ଆସୁଅଛି । ବର୍ଷାଋତୁରେ ନିଗମାଂଚଳର ରାସ୍ତା ଗୁଡ଼ିକ ଖାଲଖମା ହୋଇଅଛି । ଲୋକମାନଙ୍କର ଯାତାୟତରେ ଅସୁବିଧା ସୃଷ୍ଟିହେବ । ଦୁର୍ଗାପୂଜାରେ ବାହାରୁ ମଧ୍ୟ ଲୋକ ଭୁବନେଶ୍ୱରକୁ ଆସୁଛନ୍ତି । ବାହାର ଲୋକଙ୍କ ମନରେ ଖରାପ ଧାରଣା ସୃଷ୍ଟିହେବ । ତେଣୁ ରାସ୍ତା ଗୁଡ଼ିକର ଖାଲଖମା ମରାମତି ଓ ନାଳ ଗୁଡ଼ିକରେ କଭରସ୍ଲାବ ପକାଇବା ପାଇଁ ପ୍ରତି ୱାର୍ଡ଼କୁ ଟ.୧୦,୦୦,୦୦୦/-ଙ୍କା ଲେଖାଏଁ ମଞ୍ଜୁର କରିବା ପାଇଁ ଦାବି କରିଥିଲେ । ତାଙ୍କ ପ୍ରସ୍ତାବକୁ ବୈଠକରେ ଉପସ୍ଥିତ ଥିବା ବହୁ କର୍ପୋରେଟର ସମର୍ଥନ କରିଥିଲେ । ଏହା ଉପରେ ଆଲୋଚନା କରାଗଲା । ବୈଠକରେ ଉପସ୍ଥିତ ଥିବା ମାନ୍ୟବର ବିଧାୟକ ପ୍ରତ୍ୟେକ ୱାର୍ଡ଼କୁ ଟ.୫,୦୦,୦୦୦/-(ପାଂଚ ଲକ୍ଷ ଟଙ୍କା) ଲେଖାଏଁ ମଞ୍ଜୁର କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ପ୍ରତ୍ୟେକ ୱାର୍ଡ଼ରେ ଥିବା ପୂଜାମଣ୍ଡପ ପାଖ ଏବଂ ପୂଜାମଣ୍ଡପ ପାଖକୁ ଜନସାଧାରଣ ଯାତାୟତ ରାସ୍ତାର ଖାଲଖମା ମରାମତି ନିମନ୍ତେ ସର୍ବାଧିକ ଟ.୩,୦୦,୦୦୦/-ମାତ୍ର ଏବଂ ପୂଜାମଣ୍ଡପ ପାଖରେ ଥିବା ନାଳ ଉପରେ କଭରସ୍ଲାବ ପକାଇବା ପାଇଁ ସର୍ବାଧିକ ଟ.୨,୦୦,୦୦୦/-ମାତ୍ରର କାର୍ଯ୍ୟର ଜରୁରୀ ଆବଶ୍ୟକତା ଦୃଷ୍ଟେ ସ୍ୱବିଭାଗ (Departmental) ମାଧ୍ୟମରେ କରିବା ପାଇଁ ସର୍ବ ସମ୍ମତିକ୍ରମେ ଅନୁମୋଦନ କରାଗଲା ।

ପ୍ରସ୍ତାବ-୮(୮). ୨୦୧୧ ଜନଗଣନା ଆଧାରରେ ଭୁବନେଶ୍ୱର ମହାନଗର ନିଗମାଂଚଳରେ ନୂତନ କରି ମିଶିଥିବା ଅଂଚଳ ଗୁଡ଼ିକର ବିକାଶ ଧାରାକୁ ତ୍ୱରାନ୍ୱିତ କରିବା ଉଦ୍ଦେଶ୍ୟରେ ଏହି ୱାର୍ଡ଼ ଗୁଡ଼ିକର ନିର୍ବାଚନ କରିବା ପାଇଁ ନିର୍ବାଚନ ଅଧିକାରୀଙ୍କ ପାଖରେ ସୁପାରିଶ କରିବା ସମ୍ବନ୍ଧରେ କର୍ପୋରେସନଙ୍କ ବିଚ୍ଚର ନିମନ୍ତେ ଶ୍ରୀ ପ୍ରଣବ କିଶୋର ସ୍ୱାଇଁଙ୍କ ସମେତ ୫୩ ଜଣ କର୍ପୋରେଟର ଲିଖିତ ଭାବେ ପ୍ରସ୍ତାବ ଦେଇଛନ୍ତି । ଏହା ଉପରେ କର୍ପୋରେସନଙ୍କ ବିଚ୍ଚର :-

ନିର୍ଦ୍ଧାରଣ-୮(୮). ଗତ ତା ୨୭.୦୨.୨୦୧୫ ରିଖ ନିର୍ଦ୍ଧାରଣ ସଂଖ୍ୟା-୭(୩) ରେ ଭୁବନେଶ୍ୱର ମହାନଗର ନିଗମରେ ନୂତନ ଭାବେ ମିଶ୍ରଣ ହୋଇଥିବା ପାଂଚ ଗୋଟି ଗ୍ରାମ ଯଥା:- ପାତ୍ରପଡ଼ା, ଭଗବାନପୁର, ଶଙ୍କରପୁର, ସୁବୁଦ୍ଧିପୁର ଏବଂ ପାଇକରାପୁରକୁ ଯଥାକ୍ରମେ ୱାର୍ଡ଼ ନଂ-୬୫,୪୯ ଓ ୨୩ ରେ ମିଶ୍ରଣ କରାଯାଇ ରାଜ୍ୟ ସରକାରଙ୍କ ଅନୁମୋଦନ ହୋଇଥିଲା । ଯେହେତୁ ଏହି ୱାର୍ଡ଼ ଗୁଡ଼ିକର ପରିସୀମା ଏବଂ ଜନସଂଖ୍ୟା ବହୁ ଅଧିକ ହେଉଅଛି, ଜନସାଧାରଣଙ୍କୁ ସେବା ଯୋଗାଇଦେବା ନିମନ୍ତେ ଏହି ପାଂଚ ଗୋଟି ଗ୍ରାମକୁ ଏକ ସ୍ୱତନ୍ତ୍ର ୱାର୍ଡ଼ କରାଯାଇ ଜଣେ ନୂତନ କର୍ପୋରେଟର ନିର୍ବାଚନ କରିବା ନିମନ୍ତେ ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ବିଭାଗଙ୍କୁ ଅନୁରୋଧ କରିବା ପାଇଁ ସର୍ବ ସମ୍ମତିକ୍ରମେ ନିଷ୍ପତି ହେଲା ।

ସର୍ବ ଶେଷରେ ଉପସ୍ଥିତ ସଭ୍ୟ/ସଭ୍ୟା ମାନେ ବୈଠକର ଉପର ବର୍ଣ୍ଣିତ ଆଲୋଚନାରେ ଅଂଶ ଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ଘ.୧.୫୦ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

(signature) 19/9/16

ସ୍ୱା/-ଅନନ୍ତ ନାରାୟଣ ଜେନା
ସଭାପତି
ତା ୧୯.୦୯.୨୦୧୬ ରିଖ

Annexure-A

List of Hotels ward wise and monthly User fees collected by me before New Tender at B.M.C.

| Sl NO | Name of the Hotels | Ward NO | Monthly User fees Collected | |
|---|---|---|---|---|
| 1 | Swasti (P) Limited | 41 | 6000 | |
| 2 | Sisimo | 41 | 4000 | |
| 3 | Kalinga Ashok | 55 | 4000 | |
| 4 | Trident | 16 | 6000 | |
| 5 | May fair Lagoon | 16 | 6000 | |
| 6 | Swasti premium | 12 | 6000 | |
| 7 | Crown | 27 | 6000 | |
| 8 | New Marrion | 41 | 6000 | A |
| 9 | Empires | 30 | 6000 | |
| 10 | Hotel Hindustan Inter National | 41 | 6000 | |
| 11 | Keshari | 41 | 4000 | |
| 12 | Ginger | 12 | 2000 | |
| 13 | Swarna | 41 | 1000 | |
| 14 | Venus Inn | 53 | 1000 | |
| 15 | Kesar foods | 53 | 500 | |
| 16 | Annapurna | 41 | 1000 | |
| 17 | Patha Nibas | 55 | 2000 | |
| 18 | New South Indian | 53 | 500 | |
| 19 | Essar Brewery | 53 | 500 | |
| 20 | Amrit South Indian | 53 | 500 | |
| 21 | presidency | 25 | 2000 | |
| 22 | pal Height | 16 | 2000 | |
| 23 | Arya palace | 41 | 2000 | |
| 24 | Rayal Mid Town | 41 | 1000 | |
| 25 | puspack | 42 | 2000 | |
| 26 | B.D.A City centre | 36 | 2000 | |
| 27 | Bhubaneswar club | 46 | 2000 | |
| 28 | Raj Mahal | 53 | 2000 | |
| 29 | Priya | 35 | 1000 | |
| 30 | Solan Inn | 41 | 1000 | |
| 31 | Barabati Restaurant | 35 | 500 | |

P.T.O

Annexure-A

| | | | | |
|---|---|---|---|---|
| 32 | Sri Kunja | 41 | 500 | |
| 33 | Dawal Restaurant | 30 | 500 | |
| 34 | Sambit palace | 41 | 1000 | |
| 35 | Mayur Garden | 41 | 2000 | |
| 36 | Venus | 46 | 1000 | |
| 37 | Sri Rose | 55 | 500 | |
| 38 | Cooperative Canteen | 54 | 500 | |
| 39 | Tangarine | 41 | 2000 | |
| 40 | Richi | 40 | 1000 | |
| 41 | Rahul. co | 41 | 4000 | |
| 42 | Atithi Restaurant | 41 | 500 | |
| 43 | Unique Begal sweets | 40 | 500 | |
| 44 | Arya mahal | 41 | 2000 | |
| 45 | The Treat | 41 | 500 | |
| 46 | Bari international | 27 | 1000 | |
| 47 | Suryans | 13 | 2000 | |
| 48 | Dalma comfort | 36 | 2000 | |
| 49 | Shree Venith | 41 | 500 | |
| 50 | Haka | 41 | 4000 | |
| 51 | pantalon food plaza | 30 | 1000 | |
| 52 | Amrit | 41 | 500 | |
| 53 | Aditya park | 41 | 500 | |
| 54 | may fair convention | 16 | 2000 | |
| 55 | Nanis Restaurant | 41 | 500 | |
| 56 | Sambit Royale | 41 | 1000 | |
| 57 | Kasturi | 41 | 500 | |
| 58 | season six | 36 | 2000 | |
| 59 | Ananda Bazar | 60 | 1000 | |
| 60 | La-franklin | 10 | 2000 | |
| 61 | Hotel seetal | 29 | 2000 | |
| 62 | Best Inn | 33 | 2000 | |
| 63 | chandan Lodge | 43 | 2000 | |
| 64 | VITS | 33 | 2000 | |
| | | | | |

Counter Signed.

City Health Officer,
Bhubaneswar Municipal Corporation

Bijaya Kumar Tripathy
Sanitary Inspector
Dt 7.9.16

Annexure-A

Appatment List & User fees collection up to Date.

| Sl No. | Name of the Appat. | No of Flats | User fees Per Month | Name of the ward. | Up to paid |
|---|---|---|---|---|---|
| (1) | Gagan Awas | 48 Flats | Rs 500/- | 12. | |
| (2) | Ganpati Tower | 48 -do- | Rs 500/- | 33 | |
| (3) | Girnar palace | 30 -do- | Rs 500/- | 31 | |
| (4) | Harehar Enclave | 40 -do- | Rs 500/- | 55 | |
| (5) | Metro Cottage | 32 -do- | Rs 500/- | 45 | |
| (6) | Vinayadeep | 60 -do- | Rs 1000/- | 41 | |
| (7) | Damayanti | 64 -do- | Rs 1000/- | 38 | |
| (8) | Surya | 30 -do- | Rs 500/- | 56 | |
| (9) | Probodha | 20 -do- | Rs 500/- | 55 | |
| (10) | Mayapuri | 48 -do- | Rs 500/- | 55 | |
| (11) | Vivekananda vihar | 50 -do- | Rs 500/- | 55 | |
| (12) | Vandana. | 50 -do- | Rs 500/- | 55 | |
| (13) | Akash deep | 40 -do- | Rs 500/- | 55 | |
| (14) | Shnehalata | 72 -do- | Rs 1000/- | 55 | |
| (15) | Puspanjali | 32 -do- | Rs 500/- | 55 | |
| (16) | B.M.C Bhabani | 132 -do- | Rs 1500/- | 30 | |
| (17) | Madhab Vihar | 35 -do- | Rs 500/- | 33 | |
| (18) | Sreeka Complex | 40 -do- | Rs 500/- | 16 | |
| (19) | Neelachakra | 90 -do- | Rs 1000/- | 45 | |
| (20) | Bishnupriya | 124 -do- | Rs 1,500/- | 26 | |
| (21) | Dasharathi Enclave | 16 -do- | Rs 500/- | 26 | |
| (22) | Geetanjali | 20 -do- | Rs 500/- | 56 | |
| (23) | Snigdha | 22 -do- | Rs 500/- | 56 | |
| (24) | Keshri villa | 31 -do- | Rs 500/- | 31 | |
| (25) | Monalika | 16 -do- | Rs 500/- | 31 | |
| (26) | Kalpataru | 28 -do- | Rs 500/- | 31 | |

Annexure-A

| Sl No | Name of the Apartments | No of Flats | User fees Per Month | Up to paid |
|---|---|---|---|---|
| (27) | Nordkunjan | 63 Flats | Rs 1000/- | 31 |
| (28) | Geetanjali Palace | 22 -do- | Rs 500/- | 31 |
| (29) | Prava | 20 -do- | Rs 500/- | 36 |
| (30) | Susila | 40 -do- | Rs 500/- | 36 |
| (31) | Sarada Vavan | 26 -do- | Rs 500/- | |
| (32) | Park Tower | 44 -do- | Rs 500/- | 55 |
| (33) | Krushna Kunja | 48 -do- | Rs 500/- | 29 |
| (34) | Sidhartha | 20 -do- | Rs 500/- | 29 |
| (35) | Moti (Toshali) | Qtrs & 20 Flats | Rs 500/- | 34 |
| (36) | Madhukunja Enclave | 90 -do- | Rs 1000/- | 31 |
| (37) | Sriram Vihar | 165 -do- | Rs 1500/- | 36 |
| (38) | Madhab Nilayam | 34 -do- | Rs 500/- | 56 |
| (39) | Parbati Villa | 21 -do- | Rs 500/- | 35 |
| (40) | Dibya Prava | 48 -do- | Rs 500/- | 55 |
| (41) | Swastik | 28 -do- | Rs 500/- | 55 |
| (42) | Sella Mansion | 36 -do- | Rs 500/- | 54 |
| (43) | Ghanayam | 20 -do- | Rs 500/- | 26 |
| (44) | Harmony Villa | 16 -do- | Rs 500/- | 55 |
| (45) | Khemalata | 44 -do- | Rs 500/- | 55 |
| (46) | Biswanath Villa | 20 -do- | Rs 500/- | 55 |
| (47) | Gouri Garden | 80 -do- | Rs 1000/- | 59 |
| (48) | Surya Enclave | 12 -do- | Rs 500/- | 55 |
| (49) | Metrocity Pha-I | 120 -do- | Rs 1500/- | 36 |
| (50) | Dhirendra Nath Villa | 39 -do- | Rs 500/- | 55 |
| (51) | Sai Tower | 20 -do- | Rs 500/- | 27 |
| (52) | Ram Bhramar Palace | 80 -do- | Rs 1000/- | 31 |
| (53) | Sai Sudarsan Tower | 48 -do- | Rs 500/- | 30 |
| (54) | Satyam Tower | 75 -do- | Rs 1000/- | 31 |

Annexure-A

| Sl. No. | Name of the Appartment | No of Flats | User fees per month | Ward No. |
|---|---|---|---|---|
| (55) | Bainaka. | 129 Flats | Rs 1500/- | 46 |
| (56) | Jyostna Garden | 46 -do- | Rs 500/- | 27 |
| (57) | Bhabani Ashoka Enclave | 25 -do- | Rs 500/- | 52. |
| (58) | Shanti Niwas | 27 -do- | Rs 500/- | 31 |
| (59) | Maharatha. | 21 -do- | Rs 500/- | 42 |
| (60) | Rajendra Vihar | 203 -do- | Rs 2000/- | 52 |
| (61) | Ashutosh vihar | 148 -do- | Rs 500/- | 55 |
| (62) | phul vatika. | 10 -do- | Rs 500/- | 55 |
| (63) | W.I.C.A.R. | 17 -do- | Rs 500/- | 16 |
| (64) | Ridhi Sidhi | 50 -do- | Rs 500/- | 45 |
| (65) | Harapriya | 34 -do- | Rs 500/- | 55 |
| (66) | Royal Residency | 20 -do- | Rs 500/- | 52 |
| (67) | Rasmi Tower | 96 -do- | Rs 1000/- | 55 |
| (68) | Ratna Castele | 15 -do- | Rs 500/- | 52 |
| (69) | Harihar Palace | 26 -do- | Rs 500/- | 39 |
| (70) | Rajat Home | 35 -do- | Rs 500/- | 55 |
| (71) | Satyam Home | 32 -do- | Rs 500/- | 27 |
| (72) | Lake view | 76 -do- | Rs 1000/- | 37 |
| (73) | Baishnab vihar | E. Block-48 Flats | Rs 500/- | 31 |
| (74) | Purnacha Enclave | 12 -do- | Rs 500/- | 12 |
| (75) | 120 Battalion | Campus & Qrs | Rs 2000/- | 39 |
| (76) | Arhalaya. | 96 -do- | Rs 1000/- | 39 |
| (77) | Toshali (Heera) | 48 -do- | Rs 500/- | 38 |
| (78) | Swarnalata | 40 -do- | Rs 500/- | 31 |
| (79) | Sekhar Paradice | 20 -do- | Rs 500/- | 19 |
| (80) | Balaji Complex | 232 -do- | Rs 2000/- | 33 |
| (81) | Rasmi vihar | 35 -do- | Rs 500/- | 45 |
| (82) | Radha Krushna Enclave | 35 -do- | Rs 500/- | 46 |
| (83) | Kroshna Tower | 189 -do- | Rs 1500/- | 38 |
| (84) | Geological survey of India | 122 Qtrs | Rs 1500/- | 50 |

Annexure-A

| | | | | |
|---|---|---|---|---|
| (85) | Janjo Hamlet | 32 Flats | Rs 500/- | 56 |
| (86) | Regional Ins of Education | Block. A.B.C.D. | Rs 8000/- | 28 |
| (87) | Biju pattanaik Air port | Block. A.B.C.D | Rs 8000/- | 52 |
| (88) | New Jeevan Vihar nagar, Phase-II | 156 Flats | Rs 1500/- | 16 |
| (89) | Metro residency | 64 -do- | Rs 1000/- | 37 |
| (90) | Nirupama | 100 -do- | Rs 1000/- | 37 |
| (91) | Udyan Appt | 24 -do- | Rs 500/- | 49 |
| (92) | Imperial Mansion | 50 -do- | Rs 500/- | 49 |
| (93) | Gopabandhu Ekademy. | Ors. & Hostel | Rs 1500/- | 16 |
| (94) | Metro city phase II | 50 Flats | Rs 500/- | 37 |
| (95) | R.M.R.C. | Campus. | Rs 2000/- | 08 |
| (96) | Bright residency | 138 Flats | Rs 1500/- | 19 |
| (97) | Door Darsan Kendra | Ors & Campus | Rs 2000/- | 12 |
| ~~(98)~~ | ~~Jeevan palace~~ | ~~22 Flats~~ | ~~Rs 500/-~~ | ~~37~~ |
| (99) | Ambedkar Appt | 16 -do- | Rs 500/- | 46 |
| (100) | Highland | 56 -do- | Rs 1000/- | 07 |

Krishna. Chandra Saho
E/I/c Ecs Appt, BMC.

Counter Signed

City Health Officer,
Bhubaneswar Municipal Corporation

Annexure-A

ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ପଞ୍ଜିକୃତ ହୋଇଥିବା ହସ୍ପିଟାଲ୍ ଓ ନର୍ସିଂହୋମ ଗୁଡ଼ିକର ତାଲିକା

| କ୍ରମିକ ନଂ | ହସ୍ପିଟାଲ୍ ଓ ନର୍ସିଂ ହୋମ ଗୁଡ଼ିକର ନାମ | ଡିକଙ୍କ ଦ୍ୱାରରେ ଉପସ୍ଥିତ | ଭୁବନେଶ୍ୱର ମହାନଗର ନିଗମ ଦ୍ୱାରା ନିର୍ଦ୍ଧାରିତ ଦିଆଯାଉଥିବା ମାସିକ |
|---|---|---|---|
| ୧ | ସ୍ମୃତି ନର୍ସିଂହୋମ | ୨୫ | ଟଙ୍କା-୪୦୦୦/- |
| ୨ | ଜିବନ ନର୍ସିଂ ହୋମ | ୬ | " |
| ୩ | ଅଭିନାଶ କ୍ଲିନିକ୍ | ୩୦ | " |
| ୪ | ଓଡ଼ିଶା ନର୍ସିଂ ହୋମ | ୩୯ | " |
| ୫ | ସନ ଫ୍ଲାଓର୍ ନର୍ସିଂ ହୋମ | ୪୨ | " |
| ୬ | ପଦ୍ମା ନର୍ସିଂ ହୋମ | ୪୧ | " |
| ୭ | ଆପେକ୍ସ ହସ୍ପିଟାଲ୍ | ୪୯ | " |
| ୮ | ରେଖାଲୋକ କ୍ଲିନିକ୍ ଓ ନର୍ସିଂହୋମ | ୬୧ | " |
| ୯ | ଭରସା ପଲ୍ଲି କ୍ଲିନିକ୍ | ୫୪ | " |
| ୧୦ | ପରିବାର ସେବା କ୍ଲିନିକ୍ | ୪୧ | " |
| ୧୧ | ଆପୋଲୋ କ୍ଲିନିକ ଓ ନର୍ସିଂହୋମ | ୪୨ | " |
| ୧୨ | ପ୍ରଜ୍ଞା ହସ୍ପିଟାଲ୍ | ୪୨ | " |
| ୧୩ | ଦିପକ୍ କ୍ଲିନିକ୍ ଓ ନର୍ସିଂହୋମ | ୩୦ | " |
| ୧୪ | ଲାଇଫ୍ ଲାଇନ୍ କ୍ଲିନିକ୍ | ୨୭ | " |
| ୧୫ | ସଞ୍ଜିବନି ମେଡିକେୟାର | ୫୮ | " |
| ୧୬ | ଜିଟଲ୍ଲାଉର | ୬ | " |
| ୧୭ | ପାଥୋଲୋଜି କ୍ଲିନିକ | ୪୦ | " |
| ୧୮ | ପାଥୋଲୋଜି କ୍ଲିନିକ୍ | ୪୨ | " |
| ୧୯ | କ୍ରିଷ୍ଣା ନର୍ସିଂ ହୋମ | ୫୦ | " |
| ୨୦ | ଜଗନ୍ନାଥ ହସ୍ପିଟାଲ୍ | ୪୯ | " |
| ୨୧ | ଆପୋଲୋ ହସ୍ପିଟାଲ୍ | ୧୭ | " |
| ୨୨ | ବିବେକାନନ୍ଦ ହସ୍ପିଟାଲ୍ | ୫୦ | " |
| ୨୩ | ଆରୋଗ୍ୟ ନର୍ସିଂ ହୋମ | ୩୬ | " |
| ୨୪ | ଅର୍ଥପେଡିକ୍ କ୍ଲିନିକ | ୩୦ | " |
| ୨୫ | ଇସ୍ଥାର ହସ୍ପିଟାଲ୍ | ୧୬ | " |
| ୨୬ | ସ୍ୱାସ୍ଥ୍ୟ ହସ୍ପିଟାଲ୍ | ୪୬ | " |
| ୨୭ | ଡେଭେଲ୍ୟା ମେଡିକେୟାର | ୧୫ | " |
| ୨୮ | ଉତ୍କଳ ପଲ୍ଲି କ୍ଲିନିକ୍ | ୪୨ | " |
| ୨୯ | ସୁପ୍ରାଭି କ୍ଲିନିକ | ୩୬ | " |
| ୩୦ | ଜାନକି ଇନଫର୍ଟିଲିଟି ... | ୨୫ | " |
| ୩୧ | ବାତ୍ସଲ୍ୟ କେୟାର ଓ ... | ୫୪ | " |
| ୩୨ | ପଲାସ ପଲ୍ଲି ହସ୍ପିଟାଲ୍ | ୫୨ | " |
| ୩୩ | ଲକ୍ଷ୍ମୀ ହସ୍ପିଟାଲ୍ | ୨୭ | " |
| ୩୪ | ଶାନ୍ତି ହସ୍ପିଟାଲ୍ | ୪୯ | " |
| ୩୫ | ହିଲ୍‌ସାଇଡ୍ ହସ୍ପିଟାଲ୍ | ୨୩ | " |

Annexure-A

| କ୍ରମିକ ନଂ | ହସ୍ପିଟାଲ ବା ନର୍ସିଂହୋମର ନାମ | କେଉଁ ୱାର୍ଡରେ ଅବସ୍ଥିତ | ମାସିକ କେତେ ଟଙ୍କା ଆଦାୟ |
|---|---|---|---|
| ୩୬ - | ବୈଦ୍ୟନାଥ ହସ୍ପିଟାଲ୍ | ୩ | ଟଙ୍କା ୪୦୦୦/- |
| ୩୭ - | ପ୍ରେମଲତା ହସ୍ପିଟାଲ୍ | ୧ | " |
| ୩୮ - | ମ୍ୟୁନିସିପାଲ୍ ହସ୍ପିଟାଲ୍ | ୨୦ | " |
| ୩୯ - | ଆସ୍ଥା ହସ୍ପିଟାଲ୍ | ୬୯ | " |
| ୪୦ - | କେୟର କ୍ଲିନିକ୍ | ୩୫ | " |
| ୪୧ - | ପ୍ରାଇଭେଟ୍ ମେଡିକାଲ୍ ଓ ହସ୍ପିଟାଲ୍ | ୧୯ | " |
| ୪୨ - | ଲକ୍ଷ୍ମୀ ପ୍ରସାଦ ଆଇ ହସ୍ପିଟାଲ୍ | ୨ | " |
| ୪୩ - | ମା ଶକ୍ତି ହସ୍ପିଟାଲ୍ | ୫୨ | " |
| ୪୪ - | ଅନ୍ନପୂର୍ଣ୍ଣା ମେମୋରିଆଲ୍ ହସ୍ପିଟାଲ୍ | ୫୫ | " |
| ୪୫ - | କଳିଙ୍ଗ ହସ୍ପିଟାଲ୍ | ୧୨ | " |
| ୪୬ - | ରାମ୍ ହସ୍ପିଟାଲ୍ | ୨୩ | " |
| ୪୭ - | ନୀଳାଦ୍ରି ହସ୍ପିଟାଲ୍ | ୪୧ | " |
| ୪୮ - | ଜୀବନ ହସ୍ପିଟାଲ୍ | ୬ | " |
| ୪୯ - | ସ୍ୱର୍ଣ୍ଣ ହସ୍ପିଟାଲ୍ | ୩୦ | " |
| ୫୦ - | ଆଦିତ୍ୟ କେୟାର୍ | ୯ | " |
| ୫୧ - | ଜଗନ୍ନାଥ ସେବା ସଦନ | ୫୩ | " |
| ୫୨ - | ନ୍ୟାର୍ଟେରିକ୍ କେୟାର୍ | ୩୦ | " |
| ୫୩ - | କ୍ୟାପିଟାଲ୍ ହସ୍ପିଟାଲ୍ | ୪୨ | " |
| ୫୪ - | [illegible] ହସ୍ପିଟାଲ୍ | ୬୭ | " |
| ୫୫ - | [illegible] ହସ୍ପିଟାଲ୍ | ୨୦ | " |
| ୫୬ - | ସାଇଁ ହସ୍ପିଟାଲ୍ | ୫୨ | " |

[illegible]
(ପରିମଳ ନିରୀକ୍ଷକ)

## Hybrid Toilet Construction Work

| Sl. No. | Name of the Location | Zone | Ward No. | Estimated cost (Rs.) | Approved cost (Rs.) | Advance (10% of Approved Cost) | Labour cess @ 1% | Total Amount (Rs.) |
|---|---|---|---|---|---|---|---|---|
| 1 | Prabhujee E M School | | 11 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| 2 | XIMB Front | | 20 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| 3 | RTO, Near Chandrasekharpur | | 3 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| 4 | Back Side of Udyan Fresh, Pal Heights | | 16 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| 5 | Mancheswar Rly Market, BBSR | | 9 | 22,39,000.00 | 21,56,859.00 | 2,15,685.90 | 19,431.16 | 21,76,290.16 |
| 6 | Niladri Vihar, SBI ATM Square | | 8 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| 7 | Gadeswara Haat, VSS Nagar | | 11 | 25,34,400.00 | 24,13,253.70 | 2,41,325.37 | 21,938.70 | 24,35,192.40 |
| 8 | IDCO Land, Near Durga Mandap | | 10 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| 9 | Laxmi Vihar Crossing (Vani Vihar Boundary Wall) | | 17 | 20,48,500.00 | 19,28,963.00 | 1,92,896.30 | 17,536.03 | 19,46,499.03 |
| 10 | DAV School Chandrasekharpur | | 7 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| 11 | Jaydev Vihar Square | | 12 | 25,34,400.00 | 24,13,254.00 | 2,41,325.40 | 21,939.00 | 24,35,193.00 |
| 12 | Infront of Deepali Hotel, Reddy Basti | SOUTH-EAST | 42 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| 13 | Tankapani Road (Near BMC Community Hall) | | 58 | 19,31,000.00 | 18,45,643.80 | 1,84,564.38 | 16,778.60 | 18,62,422.40 |
| | TOTAL | | | 267,35,300.00 | 255,23,123.90 | 25,52,312.39 | 2,31,852.29 | 257,54,976.19 |

Rashmi
TL-Amrut
17.09.16

17/09/16